# ପ୍ରଧାନମନ୍ତ୍ରୀ କିଷାନ ସହାୟତାରୁ ବଞ୍ଚିତ ହେବେ ଚାଷୀ

ରସୁଲପୁର, ୧୬।୯(ରଞ୍ଜିତ ରାଉତ)




ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ ୬ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଇ-କେୱାଇସି(ଅନ୍‌ଲାଇନରେ-ନୋ ୟୋର କଷ୍ଟମର) ଯାଞ୍ଚ ହୋଇନାହିଁ । ଉକ୍ତ ଚାଷୀମାନେ ତୁରନ୍ତ ଜନସେବା କେନ୍ଦ୍ର ଓ ମୋ ସେବାକେନ୍ଦ୍ରକୁ ଯାଇ ଇ-କେୱାଇସିକୁ ଯାଞ୍ଚ କରାଇ ନେବାକୁ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ବିଳମ୍ବ ହେଲେ ସମ୍ପୃକ୍ତ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସହାୟତାରୁ ବଞ୍ଚିତ ହେବ ବୋଲି କୁହାଯାଉଛି । ଏହାଛଡା କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଚାଷ ସମ୍ପର୍କିତ ରିହାତି ସହାୟତା ସେମାନଙ୍କ ଜମାଖାତାକୁ ଡିବିଟି/ଏବିପିଏସ ଜରିଆରେ ପ୍ରଦାନ କରିବା ସମ୍ଭବପର ହୋଇପାରିବ ନାହିଁ । ତୁରନ୍ତ ଚାଷୀମାନେ ସେମାନଙ୍କ ଇ-କେୱାସିକୁ ଯାଞ୍ଚ କରାଇ ଚାଷୀ ପଞ୍ଜିକରଣ ପୋର୍ଟଲାକୁ ଅପ୍ ଟୁ ଡେଟ୍ କରାଇନେବା ଉପରେ ଗୁରୁତ୍ୱ କୁହାଯାଉଛି । ଏ ଦିଗରେ ତୃଣମୂଳସ୍ତରରେ କାର୍ଯ୍ୟରତ କୃଷି କର୍ମଚାରୀମାନେ ଚାଷୀମାନଙ୍କୁ ସଚେତନ କରାଇବା ସହ ପଞ୍ଚାୟତର ଜନ ପ୍ରତିନିଧିଙ୍କ ଜରିଆରେ ଚାଷୀମାନଙ୍କୁ ସୂଚନା ଦେବାକୁ ବ୍ଲକ କୃଷି ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ।

ରସୁଲପୁର ବ୍ଲକରେ ଭୂମୀହୀନ ଚାଷୀ ପରିବାରକୁ ବାଦ୍ ଦେଲେ ପ୍ରାୟତଃ ୩୦ହଜାରରୁ ଊର୍ଦ୍ଧ୍ୱ ଚାଷୀ ପରିବାର ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଜରିଆରେ ଆର୍ଥିକ ସହାୟତା ପାଉଛନ୍ତି । ତେବେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କାଳିଆ ଯୋଜନାରେ ସାମିଲ ହେବା ନେଇ ଜନ ଅଭିଯୋଗ ଶୁଣାଣି କରାଯାଉଛି । ଏହି ଜରିଆରେ ବ୍ଲକ ଅଞ୍ଚଳରୁ ଶତାଧିକ ଯୋଗ୍ୟ ହିତାଧିକାରୀ

**ରସୁଲପୁର ବ୍ଲକରେ ୬ହଜାରୁ ଊର୍ଦ୍ଧ୍ୱ ଚାଷୀଙ୍କ ହୋଇନି ଇ-କେୱାଇସି**




କାଳିଆ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀମାନଙ୍କୁ କାଳିଆ ସହାୟତା ପ୍ରଦାନ କରିବା ପାଇଁ ଯୋଜାନରେ ଅନ୍ତର୍ଭୁକ୍ତ କରାଯାଉଛି । ଉକ୍ତ ହିତାଧିକାରୀମାନେ ପିଏମ୍ କିଷାନ ଯୋଜନାରେ ସାମିଲ କରିବା ସମୟରେ ଇ-କେୱାସିର ଆବଶ୍ୟକତା ପଡୁଛି । ଆଧାର ନମ୍ବର ସହ ଚାଷୀର ମୋବାଇଲ ନମ୍ବର ସଂଯୋଗ କରାଯାଇଥିଲେ ଇ-କେୱାସି ଅତି ସହଜରେ ହୋଇପାରୁଛି । କେତେଜଣ ଚାଷୀଙ୍କ ଅଦ୍ୟାବଧି ଆଧାର ସହ ମୋବାଇଲ ନମ୍ବର ସଂଯୋଗ ହୋଇନାହିଁ କି ଇ-କେୱାସି ନିୟମକୁ ପାଳନ କରାଯାଇ ନାହିଁ । ଏହି କାରଣରୁ ବ୍ଲକ ଅଞ୍ଚଳରୁ ଶତାଧିକ ଚାଷୀ ପିଏମ୍ କିଷାନରୁ ବଞ୍ଚିତ ହେଉଥିବା କୁହାଯାଉଛି । ପ୍ରତ୍ୟେକ ଚାଷୀ ସେମାନଙ୍କ ପଞ୍ଚାୟତରେ କାର୍ଯ୍ୟରତ କୃଷକସାଥୀ, ଗ୍ରାମ କୃଷି କର୍ମଚାରୀମାନଙ୍କ ନିକଟରେ ଇ-କେୱାଇ ତାଲିକାକୁ ଯାଞ୍ଚ କରି ନିଅନ୍ତୁ । ଯେଉଁମାନଙ୍କର ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରି ନାହିଁ ସେମାନେ ତୁରନ୍ତ ସେବାକେନ୍ଦ୍ରକୁ ଯାଇ ଆଧାର କାର୍ଡ ସହ ଆବଶ୍ୟକ ଅନ୍ୟ ପ୍ରମାଣପତ୍ର ପ୍ରଦାନକରି ଯୋଜନାରେ ସାମିଲ ହେବାକୁ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ନିବେଦନ କରାଯାଇଛି ।

# ବିଜୁ ସେତୁକୁ ସଂଯୋଗୀକରଣ ରାସ୍ତା ନାହିଁ



କେନାଲ ବନ୍ଧରେ ବିଜୁ ସେତୁକୁ ସଂଯୋଗୀକରଣ ରାସ୍ତା ନିର୍ମାଣ ଅଧାପନ୍ତରିଆ ।

ମହାକାଳପଡ଼ା, ୧୬।୯
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ବାଧକ ସାଜିଛି ବିଦ୍ୟୁତ୍ ଖୁଣ୍ଟ ଓ ବେଆଇନ ଜାଗା ଦଖଲ
- ସେତୁ ଅଧାପାନ୍ତରିଆ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମୁଖ୍ୟାଳୟଠାରୁ ୨ ଶହ ମିଟର ଦୂରରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ନିର୍ମାଣ କାମଶେଷ ହୋଇଛି। ବର୍ଷରୁ ଅଧିକ ହେବ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଉତ୍ତର ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତା ଅଧାପାନ୍ତରିଆ ହୋଇରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହା ସଂଯୋଗୀକରଣ ରାସ୍ତା ଶେଷ ହେଲେ ସର୍ବସାଧାରଣ ଯାତାୟତ ପାଇଁ ସୁବିଧା ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି। ଅପର ପକ୍ଷରେ ଏହି ସେତୁ ସଂଯୋଗୀ କରଣ ରାସ୍ତା ନିର୍ମାଣ କାର୍ଯ୍ୟରେ ବିଦ୍ୟୁତ୍ ଖୁଣ୍ଟ ଓ ବେଆଇନ ଦଖଲ ଗୃହ ନିର୍ମାଣ ବାଧକ ସାଜିଛି। ଫଳରେ ଏହି ପ୍ରକ କକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନି ବୋଲି କୁହାଯାଇଛିୟ ଏହି ସେତୁ ନିର୍ମାଣ କାର୍ଯ୍ୟ ଠିକାଦାର ଙ୍କ ମନ୍ ମାନି ଯୋଗୁଁ ସେତୁ ସଂଯୋଗୀ ରାସ୍ତା ଅଧାପନ୍ତରିଆ ହୋଇ ପଡ଼ିଛି ବୋଲି ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ବିଦ୍ୟୁତ୍ ଖୁଣ୍ଟ ଓ ବେଆଇନ ଜମି ଗୃହ ଉଚ୍ଛେଦ ହେବା ପରେ ସଂଯୋଗୀକରଣ ରାସ୍ତା ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ସେତୁ ନିର୍ମାଣରେ ୩ କୋଟିରୁ ଅଧିକ ବ୍ୟୟବରାଦ ହୋଇଥିଲେ ମଧ୍ୟ ଅଦ୍ୟାବଧି ପ୍ରକଳ୍ପର କେବେ କାର୍ଯ୍ୟକାରୀ ହେବ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ପଥଚାରୀମାନେ ବାଧ ହୋଇ ଏହି ସେତୁ ଉପରେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନା ଅନୁସାରେ, ୨ ସପ୍ତାହ ପୂର୍ବେ ଏହି ସେତୁ ସଂଯୋଗୀକରଣ ରାସ୍ତା ପାର୍ଶ୍ୱରେ କାଦୁଅ ଖସଡ଼ା ହୋଇଥିବାରୁ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ହୋଇଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଡିଭିଜନ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ କୁମାର ପ୍ରଧାନଙ୍କୁ ପଚାରିବାରେ ବର୍ଷା ଦିନରେ ସମସ୍ୟା ଉପୁଜିଛି। ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବିଶ୍ୱକର୍ମା, ଗଣେଶ ପୂଜା ପାଇଁ ଚଳଚଞ୍ଚଳ କୁମ୍ଭାରସାହି

କେନ୍ଦ୍ରାପଡ଼ା, ୧୬।୯(ଜଗନ୍ନାଥ ଧଳ)

ରବିବାର ବିଶ୍ୱକର୍ମା ପୂଜା। ସେହିପରି ଗଣେଶ ପୂଜା ଆସନ୍ତା ୧୯ ତାରିଖରେ ଅଛି। ଏଥିପାଇଁ କେନ୍ଦ୍ରାପଡ଼ା ସହରର କୁମ୍ଭାରସାହି ଚଳଚଞ୍ଚଳ ହୋଇପଡ଼ିଛି। ଉଭୟ ମୃଣ୍ମୟ ମୂର୍ତ୍ତିର ଶେଷ ସ୍ପର୍ଶ ପାଇଁ କାରିଗରମାନେ ତତ୍ପର ହୋଇଛନ୍ତି। ଛୋଟରୁ ବଡ଼ ମୂର୍ତ୍ତିରେ ରଙ୍ଗ ଦେବା ପାଇଁ ଦିନରାତି ଏକାକାର କରିଛନ୍ତି।

ଏ ସମ୍ପର୍କରେ ୫୨ ବର୍ଷୀୟ ପ୍ରଭାତ ବେହେରା କହିଛନ୍ତି, ଏବେଠାରୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଚାଲିବ। ମୂର୍ତ୍ତି ନିର୍ମାଣରେ ପ୍ରାୟ ୪ ଦଶନ୍ଧି ଧରି ପାରିବାରିକ ବୃତ୍ତିରେ ଅଛନ୍ତି। ମାଟି ଉଠାଠାରୁ ମୂର୍ତ୍ତି ହସ୍ତାନ୍ତର ପର୍ଯ୍ୟନ୍ତ ପରିବାର ସଦସ୍ୟଙ୍କ ସହ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ତେବେ ଉପଯୁକ୍ତ ପାରିଶ୍ରମିକ ମିଳିବା ନେଇ ଏବେ ବି ଆଶଙ୍କା ଅଛି। ଉପଯୁକ୍ତ ଚିହ୍ନଟ ମାଟି ଉଠାଣଠାରୁ ରଙ୍ଗ ପର୍ଯ୍ୟନ୍ତ ଖର୍ଚ୍ଚ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ ହେଉଛି। ସେହିପରି ମୂର୍ତ୍ତି ବିକ୍ରିରେ ସମସ୍ୟା ହେଲେ ଆର୍ଥିକ ଦୁର୍ଗତି ଭୋଗିବାକୁ ପଡୁଛି । ଏହି କୌଳିକ ବୃତ୍ତିକୁ ଏବେ ସରକାରୀ ପ୍ରୋତ୍ସାହନ ମିଳିବ ବୋଲି ଶୁଣାଯାଉଛି। ଏହା ନିର୍ବାଚନୀ ପ୍ରତିଶ୍ରୁତି ନ ହେଉ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପ୍ରଭାକର ବେହେରା କୁହନ୍ତି, ୩ ଦଶନ୍ଧି ପୂର୍ବେ କୁମ୍ଭାରସାହିର ପ୍ରାୟ ୧୨୦ ଘର ମୂର୍ତ୍ତି ନିର୍ମାଣ କରୁଥିଲେ । ଏବେ ଏହି ସଂଖ୍ୟା ୪୦କୁ ଖସିଆସିଛି। ପୂର୍ବରୁ କଞ୍ଚାମାଲ ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରାଯାଉଥିଲା। ଏବେ ବଜାରରେ ପ୍ରତିଯୋଗିତା ବଢ଼ିଚାଲିଛି। ଆକର୍ଷଣୀୟ ମୂର୍ତ୍ତି ପାଇଁ ବହୁ ମୂଲ୍ୟ ଦେଇ ରଙ୍ଗ ଓ ସାମଗ୍ରୀ କିଣିବାକୁ ପଡୁଛି। ଉପଯୁକ୍ତ ଅର୍ଥ ମିଳୁ ନ ଥିବାରୁ ଯୁବବର୍ଗ ଏହି କୌଳିକ ବୃତ୍ତି ଗ୍ରହଣ କରିବାକୁ ରାଜି ହେଉନାହାନ୍ତି। ଏପରି କି ମୂର୍ତ୍ତି ନିର୍ମାଣ ଅପେକ୍ଷା କର୍ମ ଅନ୍ୱେଷଣରେ ଯୁବବର୍ଗ ବାହାରକୁ ଯାଉଛନ୍ତି। ତେବେ ବଜାର ଚାହିଦା ଅନୁଯାୟୀ ମୂର୍ତ୍ତି ନିର୍ମାଣ କରାଯାଉଛି। ଗ୍ରାମର ବାସନ୍ତୀ ବେହେରା କହିଛନ୍ତି, ମୂର୍ତ୍ତିର ରଙ୍ଗ ଓ ଆଭୂଷଣ ସେଟିଂରେ ଘରର ମହିଳା ଓ ପିଲାଙ୍କର ଭୂମିକା ବେଶି। ପରିବାର ସଦସ୍ୟଙ୍କ ସହଯୋଗ ଦ୍ୱାରା ଠାକୁରଙ୍କ ମୂର୍ତ୍ତି ବିକି ଦୁଇ ପଇସା ପାଉଛୁ। ସେହିପରି ଦୀପାବଳି ପାଇଁ ଦୀପ, ମାଟି ହାଣ୍ଡି ଠାରୁ ଟେରାକେଟା ମୂର୍ତ୍ତି ଏଠାରେ ନିର୍ମାଣ ହେଉଥିବା ସେ କହିଛନ୍ତି।



ଗଣେଶ ପୂଜା ପାଇଁ ଜଣେ ଶିଳ୍ପୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ ସହାୟତା ପାଣ୍ଠିରୁ ୧୮ କୋଟି ୨୭ ଲକ୍ଷ ଟଙ୍କା ମଞ୍ଜୁର

ଧର୍ମଶାଳା, ୧୬।୯(ବଟକୃଷ୍ଣ ପରିଡ଼ା ):

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହୟତା ପାଣ୍ଠିରୁ ଯାଜପୁର ଜିଲାର ୬ ବ୍ଲକରେ ୩୧୭ ପ୍ରକଳ୍ପ ପାଇଁ ପ୍ରଥମ ଦଫାରେ ସରକାରଙ୍କ ପ୍ଲାନିଂ ଆଣ୍ଡ କନଭେନ୍ସ ଡିପାର୍ଟମେଣ୍ଟ ଚିଠି ସଂଖ୍ୟା ୧୬୫୯୯ ତା ୧୦।୯।୨୦୨୩ରେ ୧୮ କୋଟି୨୭ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଛି । ସେଥିମଧ୍ୟରୁ ଧର୍ମଶାଳା ବ୍ଲକରେ ୪୬ ପ୍ରକଳ୍ପ ପାଇଁ ୨ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭି.କେ. ପାଣ୍ଡିଆନ ଅଗଷ୍ଟ ୨୯, ୩୧ ଓ ସେପ୍ଟେମ୍ବର ୧ରେ ବିଭିନ୍ନ ବ୍ଲକରେ ଜନଶୁଣାଣିରେ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଗତ ୩୧ ତାରିଖରେ ଭି.କେ.ପାଣ୍ଡିଆନ ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ଜନଶୁଣାଣୀରେ ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଅଭିଯୋଗ ଆଧାରରେ ୪୬ ପ୍ରକଳ୍ପ ମଧ୍ୟରୁ ପ୍ରଥମ ଦଫାରେ କମ୍ୟୁନିଟି ସେଣ୍ଟର, ଖେଳପଡିଆ, କୋଠଘର, ମନ୍ଦିର,ବିଜୁ ମିଶନ ଶକ୍ତି କାଫେ, କଲ୍ୟାଣ ମଣ୍ଡପ, ଲାଇବ୍ରେରୀ ଆଦି ପ୍ରକଳ୍ପଗୁଡିକୁ ଗୁରୁତ୍ୱ ଦିଆଯାଇଛି । ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ପ୍ରକଳ୍ପ ନିମନ୍ତେ ସରକାର ପ୍ରଥମ ଦଫାରେ ୨ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଜିଲା ଶିକ୍ଷା ବିଭାଗରେ ମନମାନି, ଶିକ୍ଷାଦାନ ହୋଇପାରୁନି



ପଟ୍ଟାମୁଣ୍ଡାଇ, ୧୬।୯(କଳ୍ପତରୁ ନାୟକ)

**ପଟ୍ଟାମୁଣ୍ଡାଇ ବନ୍ତୋପାଟଣା ଆଦର୍ଶ ବିଦ୍ୟାଳୟ**
- ୬ମାସ ହେବ ନୂତନ ଗୃହ ହସ୍ତାନ୍ତର ହୋଇଛି
- ଟେବୁଲ, ବେଞ୍ଚ ପଡ଼ିନାହିଁ

ପଟ୍ଟାମୁଣ୍ଡାଇ ବ୍ଲକରେ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ରାଜ୍ୟ ସରକାର ଚନ୍ଦନନଗର ପଞ୍ଚାୟତ ବନ୍ତୋପାଟଣାଠାରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ପ୍ରାୟ ୧୧ କୋଟି ୭୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ହସ୍ତାନ୍ତର ହୋଇ ନ ଥିବା ଯୋଗୁ ଶିକ୍ଷାଦାନ ହୋଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବନ୍ତୋପାଟଣାଠାରେ ପ୍ରତିଷ୍ଠା କରାଯାଇଥିବା ଆଦର୍ଶ ବିଦ୍ୟାଳୟ ଗୃହରେ ଶିକ୍ଷାଦାନ କରା ନ ଯାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଡାଠାରେ ଅସ୍ଥାୟୀ ଭାବେ ପଟ୍ଟାମୁଣ୍ଡାଇ ଆଦର୍ଶ ବିଦ୍ୟାଳୟ ଶିକ୍ଷାଦାନ ଚାଲୁ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏ ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁଲାଇ ୩୧ରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲାପାଳ ଜିଲା ଶିକ୍ଷାଧିକାରୀ ଆସନ୍ତା ଅଗଷ୍ଟ ୧୫ରେ ବନ୍ତୋପାଟଣା ଆଦର୍ଶ ବିଦ୍ୟାଳୟ ନବନିର୍ମିତ ଗୃହରେ ଆଦର୍ଶ ବିଦ୍ୟାଳୟ ଯଥାରୀତି ଚାଲିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବସ୍ତୁତଃ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଆଦର୍ଶ ବିଦ୍ୟାଳୟ ଗୃହକୁ ଗତ ୬ ମାସ ହେବ ଜିଲା ଶିକ୍ଷା ବିଭାଗକୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଜିଲା ଶିକ୍ଷାଧିକାରୀଙ୍କ ଉଦାସୀନ ମନୋଭାବ ଯୋଗୁ ଉକ୍ତ ଆଦର୍ଶ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀ ଗୃହ ପାଇଁ ଡେସ୍କ, ବେଞ୍ଚ ସହ ଅନୁଷଙ୍ଗିକ ବ୍ୟବସ୍ଥା ହୋଇ ନ ଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରାଯାଇପାରୁନାହିଁ। ଗତ ଜନଶୁଣାଣି ଶିବିରରେ ଅଭିଯୋଗ ଉପରେ ଜିଲାପାଳ ଅମୃତ ଋତୁରାଜ ତୁରନ୍ତ ନୂତନ ଗୃହରେ ଶିକ୍ଷାଦାନ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେବା ପରେ ଅଗଷ୍ଟ ୧୫ସୁଦ୍ଧା ଶିକ୍ଷାଦାନ ଆରମ୍ଭ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତିରେ ରହିଯାଇଛି। ଯାହା ଫଳରେ ଆଦର୍ଶ ବିଦ୍ୟାଳୟ ନୂତନ ଗୃହରେ ଶିକ୍ଷାଦାନ ନ ହୋଇ ଅସ୍ଥାୟୀ ଭାବେ କଷଣଅଣ୍ଡା ହାଇସ୍କୁଲରେ ଶିକ୍ଷାଦାନ ଚାଲିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଖେଳିବା ସଙ୍ଗେ ସମାନ ବୋଲି ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ଚନ୍ଦନନଗର ପଞ୍ଚାୟତ ବନ୍ତୋପାଟଣାଠାରେ ନବନିର୍ମିତ ଆଦର୍ଶ ବିଦ୍ୟାଳୟ ଶ୍ରେଣୀ ଗୃହ ପାଇଁ ଡେସ୍କ, ବେଞ୍ଚ ଶୀଘ୍ର ନିର୍ମାଣ କରି ଶିକ୍ଷାଦାନ ଆରମ୍ଭ କରିବା ଦିଗରେ ଜିଲାପାଳ ଓ ଜିଲାଶିକ୍ଷାଧିକାରୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରକାନ୍ତ



@ ଈଶାନ



@ ଓମ୍‌ପ୍ରକାଶ



@ ଶକ୍ତିପ୍ରସନ୍ନ



@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିପିଏଲ୍ ପରିସରରେ ଜିଲାସ୍ତରୀୟ ଖେଳ ଆରମ୍ଭ

ପାରାଦୀପ, ୧୬।୯(ଶରତ ରାଉତ)

ପାରାଦୀପ ପିପିଏଲ ଡିଏଭି ସ୍କୁଲ ପରିସରରେ ଜିଲାସ୍ତରୀୟ ଖେଳ ଶନିବାର ଆରମ୍ଭ ହୋଇଛି। ଏଥିରେ ଜିଲାର ୮ ବ୍ଲକରୁ ୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଠାରେ ବିଚ ଭଲିବଲ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଚେସ ଓ ବାସ୍କେଟବଲ ଖେଳ ହେଉଛି। ପିପିଏଲ ଅର୍ଥ ବିଭାଗ ପରିଚାଳକ ପ୍ରଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ବରିଷ୍ଠ ଅଧିକାରୀ ସଂଗ୍ରାମ ସ୍ୱାଇଁ, ଅଶ୍ୱିନୀ ରାଉତରାୟ, ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ, ଶାରୀରିକ ଶିକ୍ଷାଧିକାରୀ ବିଦ୍ୟାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋଚ ଶାଶ୍ୱତ ଭାରତୀୟଙ୍କ ନେତୃତ୍ୱରେ ଏହି କ୍ରୀଡ଼ା ଆୟୋଜନ କରାଯାଇଛି।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

ଧର୍ମଶାଳା,୧୬।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ କରୁଣାକର ବରାଳ ବିବରଣୀ ପାଠ କରିଥିଲେ । ଆସନ୍ତା ଅକ୍ଟୋବର ୧୫ରେ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବରେ ୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯିବ ପାଇଁ ସ୍ଥିର କରାଯାଇଛି । ଉକ୍ତ ବୈଠକରେ ସହସମ୍ପାଦକ ପ୍ରସନ୍ନ କୁମାର ବରାଳ, ଭିକାରୀ ଚରଣ ମଲିକ, ଯୁଧିଷ୍ଠିର ସ୍ୱାଇଁ, ରମାକାନ୍ତ ଜେନା, ନୃସିଂହ ମହାନ୍ତି, ଗୋଲକ ପଲେଇ, ଡ. ଇନ୍ଦ୍ରମଣି ମହାନ୍ତି, ଧରଣୀଧର ମହାନ୍ତି, ବିଦ୍ୟାଧର ରାଉତ, ମହମ୍ମଦ ଜିଆଉଲ, ଅଭୟାନନ୍ଦ ସାରଦା,ବନମାଳୀ ରାଉତ, ରବିନାରାୟଣ ମହାନ୍ତି, ମଧୁସୂଦନ ସାହୁ, ଗୌରାଙ୍ଗ ଗୁଇଁ ପ୍ରମୁଖ ଉପସ୍ଥିତ ରହି ନିଜର ମତ ପ୍ରଦାନ କରିଥିଲେ । ସହ ସମ୍ପାଦକ ଆଦିକନ୍ଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

### ଅଜଣା ଗାଡ଼ି ଧକ୍କାରେ ସ୍କୁଟି ଆରୋହୀ ମୃତ

ଡେରାବିଶ, ୧୬।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର କାକଡିଆ ଛକ ନିକଟରେ ଶନିବାର ଅଜଣା ଗାଡ଼ି ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ରାଜକନିକା ଥାନା ଅନ୍ତର୍ଗତ ହାଟସାହି ଗ୍ରାମର ନିରଞ୍ଜନ ନାୟକ(୬୧) । ପୋଲିସ ସୂତ୍ରରୁ ପ୍ରକାଶ, ନିରଞ୍ଜନ ଅପରାହ୍ନରେ କଟକରୁ ରାଜକନିକା ଅଭିମୁଖେ ଯାଉଥିବା ବେଳେ କାକଡିଆ ଛକ ନିକଟରେ ସମ୍ମୁଖ ଭାଗରୁ କୌଣସି ଏକ ଅଜଣା ଗାଡ଼ି ଖୁବ୍ ଦ୍ରୁତଗତିରେ ଆସି ତାଙ୍କୁ ପିଟି ଦେଇଥିଲା । ଫଳରେ ଘଟଣାସ୍ଥଳରେ ନିରଞ୍ଜନଙ୍କ ମୃତ୍ୟୁ ହୋଇଯାଇଥିଲା । ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିରଞ୍ଜନଙ୍କ ମୃତଦେହକୁ ଜବତ କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ଜବତ କରିଛନ୍ତି । ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ କୌଣସି ସନ୍ଧାନ ମିଳିପାରିନାହିଁ ।

### ଅଗ୍ନିଶମ ସେବା ସଂସ୍ଥା ଆଳି ଶାଖା ପକ୍ଷରୁ ଜନସଚେତନତା

ଆଳି, ୧୬।୯(ବନମାଳୀ ସେନାପତି)

ଆଳି ନିଆଳଠାରେ ଥିବା ଜାଭିୟର ଇଣ୍ଟରନେଶନାଲ ସ୍କୁଲ ପରିସରରେ ଆଳି ଦମକଳ କେନ୍ଦ୍ରର କେନ୍ଦ୍ରାଧିକାରୀ ବସନ୍ତ କୁମାର ସାମଲଙ୍କ ଦ୍ୱାରା ଜନସଚେତନତା ଓ ଆଶୁ ଅଗ୍ନି ନିର୍ବାପନ, ବିପଦକୁ ଏଡାଇ ଦେବାର ଆଧୁନିକ କର୍ମ କୌଶଳ ଜ୍ଞାନ ବିଭିନ୍ନ ଅଗ୍ନି ନିର୍ବାପନ ଯନ୍ତ୍ରର ବ୍ୟବହାର ଓ ଉପଯୋଗିତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ । ମୁଖ୍ୟ ଆଗ୍ନିକ ବିଭୂତି ଭୂଷଣ ନାୟକ ୨୧୩ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଳୟର କର୍ମଚାରୀମାନଙ୍କୁ ବିଦ୍ୟାଳୟର ଖେଳପଡିଆରେ ଅଗ୍ନି ନିର୍ବାପନ କୌଶଳ ତାଲିମ ପ୍ରଦାନ କରିଥିଲେ । ପେଟ୍ରୋଲ, ବିଜୁଳି, ଧାତବ ପଦାର୍ଥରେ ଅଗ୍ନିରେ ଭିନ୍ନ ଭିନ୍ନ ତରିକାରେ ଏହା ନିର୍ବାପନ କରାଯିବାର ଦୃଶ୍ୟ ଦେଖାଇ ଥିଲେ । ଏଥିରେ ଅଗ୍ନି ବିଭାଗ କର୍ମଚାରୀ, ଖେଳ ଶିକ୍ଷକ ପ୍ରବୀର, ଶିକ୍ଷିକା ଶୁଭଶ୍ରୀ ଓ ଉପାଧକ୍ଷ ଅକ୍ଷୟ କୁମାର ପଣ୍ଡା ବିଦ୍ୟାଳୟ ପକ୍ଷରୁ ଭାଗ ନେଇଥିଲେ । ବିଦ୍ୟାଳୟର ଅଧକ୍ଷ ଡ. ଦୁର୍ଯ୍ୟୋଧନ ଦାଶ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଉପର ମହଲାରୁ ତଳକୁ ଅନ୍ୟ ଛାତ୍ରଙ୍କୁ ମକ୍ ଡ୍ରିଲ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇଥିଲା । ରେଷ୍ଟୁ ଅପରେଶନରେ ସ୍ୱାଧୀନତା ଦାସ ଓ ଶିକ୍ଷିକା ଯଶୋବନ୍ତୀ ସାମିଲ ଥିଲେ । ବିଭିନ୍ନ ସମୟରେ ଆସୁଥିବା ବିପତିକୁ ମୁକାବିଲା କରିବା ପାଇଁ ପିଲାମାନଙ୍କୁ ତାଲିମ ଦିଆଯାଇଥିବାରୁ ବିଦ୍ୟାଳୟର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରଶଂସା କରିଥିଲେ । ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଦିଆଯାଇଥିବା ତାଲିମ ସମସ୍ତଙ୍କ ଜୀବନରେ ନିଶ୍ଚୟ କାମରେ ଆସିବ ବୋଲି ପଣ୍ଡା କହିଛନ୍ତି ।

# ରେଳ ଷ୍ଟେଶନ ନାମ ପରିବର୍ତ୍ତନ ନେଇ ବିଜୟ ଉତ୍ସବ

**ଯାତ୍ରୀବାହୀ ଟ୍ରେନର ନାମ ଉଦୟଗିରି ରଖିବାକୁ ପ୍ରସ୍ତାବ**

ବାଲିଚନ୍ଦ୍ରପୁର,୧୬।୯ (ଗିରିଜା ପ୍ରସାଦ ସାହୁ)



ଷ୍ଟେଶନର ନାମ ପରିବର୍ତ୍ତନ ପରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି ।

ପୂର୍ବତଟ ରେଳ ଡ଼ିଭିଜନର ହରିଦାସପୁର-ପାରାଦୀପ ଫାଟକ ବିହିନ ରେଳପଥରେ ଥିବା ୩ନଂ. ଷ୍ଟେଶନର ନାମ ରତ୍ନଗିରି ରୋଡ଼ ଦିଆଯାଇଥିଲା । ଏହାକୁ ଆପତ୍ତି ଉଠାଇ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ନାମ ସଂଶୋଧନ କରିବା ପାଇଁ ସମିତିର ଉପଦେଷ୍ଟା ତଥା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବ କ୍ରମେ ଆବାହକ ମହେଶ୍ୱର ବଳ ଉଦ୍ୟମ ଆରମ୍ଭ କରିଥିଲେ । ଏଥିରେ ମହୋତ୍ସବ ସମିତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏପରି କି ଆନ୍ଦୋଳାତ୍ମକ ପନ୍ଥା ଜରିଆରେ ସ୍ଥାନୀୟ ଜନସାଧାରଣ, ପଞ୍ଚାୟତ ସମିତି ବଡ଼ଚଣା, ବିଧାୟକ ବଡ଼ଚଣା, ଜିଲାପାଳ ଯାଜପୁର ଓ ରେଳ ବିଭାଗର ଅଧିକାରୀମାନଙ୍କ ସହଯୋଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଷ୍ଟେଶନର ନାମ ପରିବର୍ତ୍ତନ କରିଛନ୍ତି । ଏବେ ଏହି ଷ୍ଟେଶନର ନାମ ଉଦୟଗିରି-ରତ୍ନଗିରି ରୋଡ଼ରେ ନାମିତ ହେବା ସହ ରେଲୱେ ବିଭାଗର ସଫ୍ଟୱୟାର ଓ ଗୁଗୁଲ୍ ମ୍ୟାପ୍‌ରେ ତାହା ସ୍ଥାନ ପାଇଛି । ଏବେ ଏହି ଷ୍ଟେଶନରେ ନୂଆ ଫଳକ ଉଦୟଗିରି-ରତ୍ନଗିରି ରୋଡ଼ ନାମରେ ଲାଗିବା ପ୍ରକ୍ରିୟା ଶେଷ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଅଞ୍ଚଳବାସୀଙ୍କୁ ନେଇ ଉକ୍ତ ରେଳ ପ୍ଲାଟଫର୍ମ ଉପରେ ବିଜୟ ଉତ୍ସବ ପାଳନ କରାଯାଇଛି । ଉପସ୍ଥିତ ଜନସାଧାରଣଙ୍କ ପକ୍ଷରୁ ଆତସବାଜି ଫୁଟାଇବା ସହ ପରସ୍ପର ମଧ୍ୟରେ ମିଠା ବଣ୍ଟନ କରାଯାଇଥିଲା । ଏହି ଅବସରରେ ଶିକ୍ଷାବିତ୍ ଉମାକାନ୍ତ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆବାହକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ବିବରଣୀ ପ୍ରଦାନ କରି ରାଜ୍ୟ ସରକାରଙ୍କ ପ୍ରସ୍ତାବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସୁପାରିସ, କେନ୍ଦ୍ର ଗୃହମନ୍ତ୍ରଣାଳୟର ବିଜ୍ଞପ୍ତି ଓ ଓଡ଼ିଶା ସରକାରଙ୍କ ଗେଜେଟ ପର୍ଯ୍ୟନ୍ତ ସମସ୍ତ ନଥିପତ୍ର ଏକ ପୁସ୍ତିକାରେ ଉପସ୍ଥାପିତ କରିଥିଲେ । ଯାହାକୁ ରେଳ ବିଭାଗର ଇଣ୍ଟେଲିଜେନ୍ସ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ । ଉକ୍ତ ପୁସ୍ତିକାକୁ ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପାଠାଗାରାରେ ରଖାଯିବ ବୋଲି ବଳ ପ୍ରକାଶ କରିଥିଲେ । ଏହି ରେଳପଥରେ ଆଗକୁ ଯେଉଁ ଯାତ୍ରୀବାହୀ ଟ୍ରେନ ଚାଲିବ ତାହାର ନାମ ଉଦୟଗିରି ଏକ୍ସପ୍ରେସ ରଖିବା ପାଇଁ ମହୋତ୍ସବ ସମିତି ଦାବି କରିବ ବୋଲି ଘୋଷଣା କରାଯାଇଥିଲା । ଶିକ୍ଷାବିତ୍ କିଶୋର ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଶୈଳେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ଦେଇଥିଲେ ।

## ୨୦ରେ ଯାଜପୁର ଜିଲା ଉପ କନିଷ୍ଠ କବାଡ଼ି ଦଳ ଚୟନ

ଯାଜପୁରରୋଡ଼,୧୬।୯(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବାସୁଦେବ କ୍ଲବ ସହଯୋଗରେ ପାଣିକୋଇଲିସ୍ଥିତ କାଙ୍କଲା ପଡିଆଠାରେ ଆସନ୍ତା ୨୦ ତାରିଖ ସକାଳ ୮ ଘଟିକା ସମୟରେ କବାଡି ଚୟନ ଶିବିର ଅନୁଷ୍ଠିତ ହେବ । ଉକ୍ତ ଚୟନ ଶିବିରରୁ ମୋଟ ୬ ଜଣ ବାଳିକା ଓ ବାଳକ ବଛାଯିବେ । ସେମାନେ ଓଡ଼ିଶା କବାଡି ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଥିବା ରାଜ୍ୟ ଚୟନ ଶିବିରରେ ଯୋଗଦେବେ । କବାଡି ଆସୋସିଏଶନର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସହ ଯୋଗାଯୋଗ କରି ଆସନ୍ତା ୧୯ ତାରିଖ ସୁଧା ନିଜ ନାମ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି । ପଞ୍ଜିକୃତ ଖେଳାଳିମାନଙ୍କୁ ଆସନ୍ତା ୨୦ରେ ହେବାକୁ ଥିବା ଚୟନ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ସାଧାରଣ ସମ୍ପାଦକ ସମ୍ମିତ ମହାନ୍ତି ସୂଚନା ଦେଇଛନ୍ତି ।

## ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟ ସୁରକ୍ଷା ପାଇଁ ବୈଠକ


ବୈଠକରେ ସାମିଲ ହୋଇଥିବା ପୁରତନ ଛାତ୍ର ସଂସଦ କମିଟିର କର୍ମକର୍ତ୍ତା ।

କାଏମା, ୧୬।୯(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତର ସମ୍ମାନ ଓ ଗୌରବ ଲାଲ ବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟ ଆଗାମୀ ଦିନରେ ରାସ୍ତା ପ୍ରଶସ୍ତୀକରଣ ଯୋଗୁ କ୍ଷତିଗ୍ରସ୍ତ ହେବ । ଏହାକୁ ସୁରକ୍ଷା ଦେବା ପାଇଁ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ କମିଟି ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଥିଲା । ଶିକ୍ଷାବିତ୍ ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ସ୍ୱାଇଁ ସଭା ପରିଚାଳନା କରିଥିଲେ । ରାସ୍ତା ପ୍ରଶସ୍ତୀକରଣ କରାଯିବାକୁ ସ୍ୱାଗତ କରାଯାଇଥିଲା । ହେଲେ ଉକ୍ତ ବିଦ୍ୟାଳୟର ସୁରକ୍ଷା ଓ ଜନସାଧାରଣ କ୍ଷତିଗ୍ରସ୍ତ ନ ହେବା ସହିତ, ଏହାର ବିକଳ୍ପ ବ୍ୟବସ୍ଥା ତଥା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବାତାବରଣ କ୍ଷତିଗ୍ରସ୍ତ ନ ହେବା ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଆଲୋଚନା କରିଥିଲେ । ଶେଷରେ ଉକ୍ତ ଅଞ୍ଚଳରେ ଥିବା କାଏମା ମେଳଣ କମିଟି ସଦସ୍ୟ, ଉପର ଓ ତଳ ବଜାର କମିଟି ସଦସ୍ୟ , ସରପଞ୍ଚ ,ୱାର୍ଡ ସଭ୍ୟ, ସ୍ଥାନୀୟ ଘର ମଳିକଙ୍କୁ ନେଇ ଏକ କମିଟି ଗଠନ କରାଯିବାର ବ୍ୟବସ୍ଥା କରଯାଇଥିଲା । ଉକ୍ତ ବୈଠକରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ହରିହର ପଣ୍ଡା, ବରିଷ୍ଠ ବ୍ୟକ୍ତି ଅଭିମନ୍ୟୁ ରାଉତ, ଶିକ୍ଷାବିତ୍ ସୁଧାକର ସାହୁ, କୁଳମଣି ସ୍ୱାଇଁ, ଚିତ୍ତରଞ୍ଜନ ମଲିକ, ଶ୍ରୀଧର ସେନାପତି, ଶିଶିର କୁମାର ମାହାଣା ଓ ପୁରାତନ ଛାତ୍ର ସଂସଦର ସଭାପତି ଓ ଅନେକ ଅଭିଭାବକ ଯୋଗଦାନ କରିଥିଲେ ।

# କଳାବ୍ୟାଜ୍ ପିନ୍ଧିଲେ ଜେଲ କର୍ମଚାରୀ



ଜେଲ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଉଛନ୍ତି ।

ଯାଜପୁର ଟାଉନ, ୧୬।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ନିଖିଳ ଓଡ଼ିଶା କାରା-କର୍ମଚାରୀ ମହାସଂଘ ଯାଜପୁର ଜିଲା ପକ୍ଷରୁ ୫ ଦଫା ଦାବି ନେଇ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧିଛନ୍ତି । ଚଳିତ ମାସ ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିବେ । କେନ୍ଦ୍ରୀୟ କମିଟି ଆହ୍ୱାନ କ୍ରମେ ଯାଜପୁର କାରା-କର୍ମଚାରୀମାନେ ଆନ୍ଦୋଳନ କରି ଗ୍ରେଡ୍-ପେ ଟ.୧୯୦୦ ରୁ ଟ୨୦୦୦ (କାରା ରକ୍ଷୀ) ଓ ଟ୨୦୦୦ ରୁ ଟ୨୪୦୦ (ମୁଖ୍ୟକାରା ରକ୍ଷୀ)କୁ ବୃଦ୍ଧି , କାରାରକ୍ଷୀରୁ ମୁଖ୍ୟ କାରାରକ୍ଷୀ ପଦବୀ ପାଇଁ ପୁରୁଣା ପଦୋନ୍ନତି ନିୟମ ୨୦୧୨କୁ ଲାଗୁ କରିବା , ଉପଖଣ୍ଡସ୍ତରରେ ବଦଳି ନିୟମକୁ କୋହଳ କରିବା , ଖାଦ୍ୟ ଭତ୍ତା ଟଙ୍କା ୪୦୦ରୁ ୧୪୦୦ ବୃଦ୍ଧି କରିବା ଓ ୧୩ ମାସିଆ ଦରମା ବୃଦ୍ଧି କରିବା ଦାବି କରି ଆନ୍ଦୋଳନ ଜାରି ରଖିଛନ୍ତି । ଏହି ଆନ୍ଦୋଳନରେ ଉପକାରାଗାର ଯାଜପୁର କାରାକର୍ମଚାରୀ ସଂଘ ସଭାପତି ସଦାନନ୍ଦ ସାହୁ, ରଶ୍ମିରଞ୍ଜନ ଚୌଧୁରୀ, ସର୍ବେଶ୍ୱର ଦେଉରୀ, ପପୁ ପ୍ରସାଦ ମହାରଣା, ଅରବିନ୍ଦ ଏକ୍କା, କଳ୍ପନା ମହାନ୍ତି, ଧିରେନ୍ଦ୍ର ସାହୁ, ଗୋବିନ୍ଦ ମାଝି ପ୍ରମୁଖ କଳାବ୍ୟାଜ୍ ପରିଧାନ କରି ସରକାର ଯଦି ଏହି ଦାବି ଗୁଡିକ ପୁରଣ ନ କଲେ ଆସନ୍ତା ୨୫ରୁ କଳାବ୍ୟାଜ୍ ପରିଧାନ କରିବା ସହ ସମସ୍ତ କର୍ମଚାରୀ ଖାଦ୍ୟ ଗ୍ରହଣ ନ କରି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାରାଗାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ଅପପୁଷ୍ଟି ରୋକିବା ପାଇଁ ଅଙ୍ଗନୱାଡି କେନ୍ଦ୍ରର ପ୍ରୟାସ

ଡେରାବିଶ, ୧୬।୯(ବେବର୍ତ୍ତା ଅଜୟ ଦାସ)

୩ ରୁ ୫ ବର୍ଷ ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମହିଳାମାନଙ୍କ ପାଇଁ ମହିଳା ଓ ଶିଶୁ ସମନ୍ୱୟ ବିକାଶ ବିଭାଗ ପକ୍ଷରୁ ନୂଆ ପ୍ରୟାସ ଆରମ୍ଭ ହୋଇଛି । ଅପପୃଷ୍ଟି ରୋକିବା ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପୁଷ୍ଟିକର ଜାତୀୟ କିଟସ୍ ଯୋଗାଇ ଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଡେରାବିଶ ବ୍ଲକ ସିଡିପିଓଙ୍କ ପ୍ରସ୍ତାବ ଅନୁଯାୟୀ, କେନ୍ଦ୍ରାପଡ଼ା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ଲକ ଅଞ୍ଚଳରେ ଥିବା ୨୨୪ଟି ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ଏହି ପୁଷ୍ଟିକର ଜାତୀୟ କିଟସ୍ ଯୋଗାଇ ଦିଆଯିବ ବୋଲି ଜିଲା ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତ କହିଛନ୍ତି । ଦତ୍ତଙ୍କ ସୂଚନା ଅନୁଯାୟୀ, ଡେରାବିଶ ସିଡିପିଓ ସ୍ନେହଲତା ସାହୁଙ୍କ ପ୍ରସ୍ତୁତ ତାଲିକା ଅନୁଯାୟୀ, ବ୍ଲକରେ ସମୁଦାୟ ୧୭୦୭ ଜଣଙ୍କୁ ପୁଷ୍ଟିକର କିଟ୍‌ସ ଯୋଗାଇ ଦିଆଯିବ । ସେଥିମଧ୍ୟରୁ ଜନ୍ମରୁ ୫ ମାସ ପର୍ଯ୍ୟନ୍ତ ଶିଶୁ ୨୬ ଜଣ, ୫ ମାସରୁ ୬୯ ମାସର ଶିଶୁ ୨୮ ଜଣ, ପ୍ରସୂତି ମହିଳା ୬୫୬ ଜଣ ଓ ୯୯୭ ଜଣ ଗର୍ଭବତୀ ମହିଳାଙ୍କୁ ଏହି ପୁଷ୍ଟିକର କିଟ୍ ସିଡିପିଓଙ୍କ ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଜଣାଇଛନ୍ତି ।

## ଉତ୍କଳ ସାମ୍ବାଦିକ ସଂଘ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କୋରେଇ,୧୬।୯( ଚନ୍ଦ୍ରକାନ୍ତ ପତି )

ଯାଜପୁର ଜିଲା କୋରେଇର ରଗଡି ସାମ୍ବାଦିକମାନଙ୍କ ତରଫରୁ ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲା ଶାଖାରେ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ରଗଡି ମା'କାମୁଡ଼େଇ କଲ୍ୟାଣ ମଣ୍ଡପରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଯାଜପୁର ଜିଲା କ୍ରୀଡା ସଂଘର ସଭାପତି ତଥା ବ୍ୟାସନଗରର ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ମୁଖ୍ୟ ଅତିଥି,ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲା ସଭାପତି ହରିହର ସ୍ୱାଇଁ, ଶୃଙ୍ଖଳା କମିଟିର ଅଧ୍ୟକ୍ଷ ରବିନାରାୟଣ କର, ଉପଦେଷ୍ଟା ପ୍ରିୟରଞ୍ଜନ କର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲା ସାଧାରଣ ସମ୍ପାଦକ ଭାବେ ପୀତବାସ ଭୂୟାଁ, ସମ୍ପାଦକ ଭାବେ ସୁକର୍ଣ୍ଣ ରାଉତ, କୋରେଇ ଆବାହକ ଭାବେ ଆଶୁତୋଷ ମହାନ୍ତି, ବ୍ୟାସନଗରର ଉପସଭାପତି ପବିତ୍ର ରଞ୍ଜନ ମହାନ୍ତି, କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରଦୀପ ଚାନ୍ଦ ଓ ସମ୍ପାଦକ ଭାବେ ଶୁଭାଶିଷ ରାଉତଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପବିତ୍ର ମୋହନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ପେସା ଶିକ୍ଷକତା, ନିଶା ପରିବେଶ ସୁରକ୍ଷା

ବ୍ରହ୍ମବରଦା, ୧୬।୯ (ଯଯାତି କେଶରୀ ବେହେରା):

ପେଶା ଶିକ୍ଷକତା ହେଲେ ନିଶା ପରିବେଶ ସୁରକ୍ଷା ସହିତ କବିତା ଓ ପୁସ୍ତକ ଲେଖା । ଦୀର୍ଘ ୨୩ ବର୍ଷ ହେଲା ଶିକ୍ଷାଦାନ କରିବା ସହିତ ସମାଜ ସେବାରେ ଜୀବନକୁ ଉର୍ତ୍ସଗୀକୃତ କରିଥିବା ଏପରି ଜଣେ ବ୍ୟକ୍ତି ହେଉଛନ୍ତି ଝାଲପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ (୫୧) । ଶିକ୍ଷାଦାନ, କବିତା ଲିଖନ ସହିତ ଚାରା ରୋପଣ କରିବା ଓ ସେଗୁଡିର ସୁରକ୍ଷା ପାଇଁ ବ୍ୟବସ୍ଥା କରିବାରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ସେ ।

ଯାଜପୁର ବ୍ଲକ ଶ୍ୟାମଦାସପୁର ଗ୍ରାମର ସ୍ୱର୍ଗତ ମହେନ୍ଦ୍ର ସାହୁ ଓ ଟିକିଲି ସାହୁଙ୍କ ପୁଅ ପ୍ରଭାକର । ଗାଁ ବିଦ୍ୟାଳୟରୁ ୧୯୯୦ରେ ମାଟ୍ରିକ ପାସ କରିବା ପରେ ଏନ.ସି. ମହାବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ କରିଥିଲେ । ତାଳଚେରଠାରେ ଆଇଟିଆଇ , ଯାଜପୁର ଡୋଳିପୁରଠାରେ ସିଟି ଟ୍ରେନିଂ ନେଇ ୨୦୦୧ରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଏବେ ସେ ଝାଲପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାମ କରୁଛନ୍ତି । ଶିକ୍ଷାଦାନ କ୍ଷେତ୍ରରେ ସାହୁଙ୍କ ସ୍ୱତନ୍ତ୍ର ପରିଚୟ ଥିବାବେଳେ ସେ ଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ବହୁ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ଖାଲି ସେତକ ନୁହେଁ ରବିବାର ଓ ଛୁଟିଦିନରେ ସମୟକୁ ଦୂରପଯୋଗ ନ କରି ଚାରା ରୋପଣ କରିବା ସହିତ କବିତା ଓ ବହି ଲେଖାରେ ସମୟ ଦେଇଥାନ୍ତି । ଆଜକୁ ୨୩ ବର୍ଷ ହେଲା ନିଜ ଖର୍ଚ୍ଚରେ ସେ ବିଭିନ୍ନ ଖାଲି ସ୍ଥାନରେ ଚାରା ରୋପଣ ସହିତ ବିଦ୍ୟାଳୟକୁ ଲାଗିଥିବା ରାସ୍ତା ପାର୍ଶ୍ୱରେ ଶତାଧିକ ଚାରା ରୋପଣ କରିଛନ୍ତି । ଖାଲି ସେତିକି ନୁହେଁ, ସେ ରୋପଣ କରିଥିବା ଚାରା ବଢିବା ଏବଂ ରୋଗ ପୋକଦାଉରୁ ରକ୍ଷା କରିବା ପାଇଁ ସାର, ଔଷଧ ବ୍ୟବହାର କରିବା, ବୃକ୍ଷଗୁଡିକର ସୁରକ୍ଷା ପାଇଁ ମଜଭୁତ ବାଡର ବ୍ୟବସ୍ଥା କରିବା ଭଳି କାର୍ଯ୍ୟ କରି ୨୦୧୬ରେ ଓଡ଼ିଶା ସରକାର ଜଙ୍ଗଲ ପରିବେଶ ବିଭାଗ ତରଫରୁ ପ୍ରକୃତି ବନ୍ଧୁ ପୁରସ୍କାର ପୁରସ୍କୃତ ହୋଇଥିଲେ ।


ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ରୋପଣ କରିଥିବା ଗଛର ଯତ୍ନ ନେଉଛନ୍ତି ।

ସେଦିନଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଚଳିତ ବର୍ଷ ମଧ୍ୟରେ ସେ ୫ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିବା ସାହୁ ପ୍ରକାଶ କରିଛନ୍ତି । ୨୦୧୯ରେ ଅଖିଳ ଚକ୍ର ଓଡ଼ିଶା ଯାଜପୁର ତରଫରୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ ହୋଇଥିଲେ, ରୋଟାରୀ କ୍ଲବ ତରଫରୁ ନେସନ ବିଲଡର ପୁରସ୍କାର, ଦିଲ୍ଲୀଠାରେ ବିଜ୍ଞାନର ପ୍ରଚାର ଓ ପ୍ରସାର ବିଭାଗରେ ପୁରସ୍କୃତ ହୋଇଥିଲାବେଳେ ଟିଏଲଏମ୍ ବ୍ଲକ ସୁରଭି ପ୍ରତିଯୋଗିତାରେ ଉତ୍ତମ ଶିକ୍ଷକ ଭାବେ ପୁରସ୍କୃତ ହୋଇଥିଲେ । ସାହୁ ଦେଶାତ୍ମକ କବିତା, ଅଧାତ୍ମିକ କବିତା ଲେଖକ ଭାବେ ମଧ୍ୟ ନିଜ ପରିଚୟ ସୃଷ୍ଟି କରିଛନ୍ତି । ବିଦ୍ୟାଳୟରେ ପିଲାମାନଙ୍କ ମଧ୍ୟରେ ଆଧାତ୍ମିକ ମନୋଭାବ ବୃଦ୍ଧି କରିବା ପାଇଁ ଯୋଗ,ପ୍ରାଣାୟାମର ବ୍ୟବସ୍ଥା କରିଥାଆନ୍ତି । ଜାତୀୟ ପର୍ବକୁ ନିଜ ଖର୍ଚ୍ଚରେ ବହୁ ଆଡମ୍ବରରର ସହିତ ପାଳନ କରିବା ତାଙ୍କର ଏକ ଭିନ୍ନ ଗୁଣ । ସେ ନିଜ ଲେଖନୀ ମୁନରେ ପ୍ରକୃତି, ବୃକ୍ଷ, ଖାଦ୍ୟ ଓ ପରିବେଶ ଭଳି ବହୁ କବିତା ରଚନା କରିଛନ୍ତି । ଶେଷ ନିଃଶ୍ୱାସ ଯାଏ ସେ ସମାଜର ସେବା କରିବା ସହିତ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ସାହୁ ପ୍ରକାଶ କରିଛନ୍ତି ।

## ଅଧାପିକା, ଅଧାପକଙ୍କ କଳାବ୍ୟାଜ୍ ପରିଧାନ

ଖଣ୍ଡପଡା, ୧୬।୯(ଅଜୟ କୁମାର ମହାରଣା)

ଉଚ୍ଚଶିକ୍ଷା ବିଭାଗ ଓଡ଼ିଶାଙ୍କ ଦ୍ୱାରା ଚୟନ ହୋଇଥିବା ଏସ୍‌ଏସ୍‌ବି (ଷ୍ଟେଟ ସିଲେକ୍ସନ ବୋର୍ଡ) ପ୍ରକ୍ରିୟାକୁ ରାଜ୍ୟ ସଂଘର ଆହ୍ୱାନକ୍ରମେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଅଧାପିକାଅଧାପକ ପ୍ରତିବାଦ କରି ଶୁକ୍ରବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଏସ୍‌ଏସ୍‌ବି ଅଧାପିକାଅଧାପକ ପାଉଥିବା ବେତନର ଗ୍ରେଡ ପେ ୪୬୦୦ ଟଙ୍କାରୁ ୫୪୦୦ ଟଙ୍କାକୁ ବୃଦ୍ଧି କରିବା ସହ ୨୦୧୬ ମସିହାଠାରୁ ପିଛିଲା ଭାବରେ ଲାଗୁ କରିବାକୁ ରାଜ୍ୟ ସଂଘ ଦାବି କରିଛି । ସେପ୍ଟେମ୍ବର ୫ ଠାରୁ ରାଜ୍ୟର ୪୮୮ ବର୍ଗର ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରି ଆସୁଛନ୍ତି । ସଂଘର ନିୟମକୁ ମାନି ନୀଳମାଧବ ମହାବିଦ୍ୟାଳୟର ଅଧାପିକା ସରଳା ବେହେରା, ରୀମା ପ୍ରଧାନ, ଅଧାପକ ଡ. ନିରୋଦ କୁମାର ମନ୍ତ୍ରୀ, ସୌମ୍ୟ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ନାଏକ, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ଫଟୋ ନିକଟରେ କଳାବ୍ୟାଜ ପରିଧାନ କରି ଅନ୍ଦୋଳନ କରୁଛନ୍ତି । ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ କୌଣସି ବ୍ୟାଘାତ ସୃଷ୍ଟି ହୋଇ ନ ଥିବା ଜଣାଯାଇଛି ।

# କଂଗ୍ରେସ ଆସିଲେ ସଂଖ୍ୟାଲଘୁଙ୍କ ବିକାଶ ହେବ

## ପାଟକୁରାରେ କଂଗ୍ରେସର ସଂଖ୍ୟାଲଘୁ ସମାବେଶ

ପାଟକୁରା, ୧୬।୯ (ରବୀନ୍ଦ୍ର ନାଥ ବାରିକ )

ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ଗରଦପୁର ବ୍ଲକର କଂଗ୍ରେସ କାର୍ଯ୍ୟାଳୟ ବନ୍ଧସାହିଠାରେ ସଂଖ୍ୟାଲଘୁ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସଭାପତି ମହମ୍ମଦ ଜିଆଉଲ ହକ୍ ଦେଶ ଓ ରାଜ୍ୟରେ ଭାଜପା, ବିଜେଡି ମିଳିମିଶି ସରକାର ଚଳାଇଛନ୍ତି। ସାରାଦେଶରେ ଏବେ ସଂଖ୍ୟାଲଘୁମାନେ ସୁରକ୍ଷିତ ନାହାନ୍ତି। ଧର୍ମ ନାମରେ ମସ୍‌ଜିଦ ଭଙ୍ଗା, ୩ ତଲାକ୍ ଓ ଜେହାଦ ନାମରେ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ଉପରେ ଜୁଲମ ଚାଲିଛି। କଂଗ୍ରେସ ସରକାର ସମୟରେ ୩ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ମନ୍ତ୍ରୀ ଥିବା ବେଳେ ଏବେ ରାଜ୍ୟରେ ଦୀର୍ଘ ୨୪ ବର୍ଷ ଧରି ଚାଲିଥିବା ବିଜେଡି ସରକାରରେ ଅଦ୍ୟାବଧି କେହି ଜଣେ ମୁସଲମାନ ସମ୍ପ୍ରଦାୟର ପ୍ରତିନିଧି ମନ୍ତ୍ରୀ ହୋଇନାହାନ୍ତି। ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱ ଓ ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଂଖ୍ୟାଲଘୁ ସମାବେଶରେ ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସମ୍ପାଦକ ସେକ୍ ଅସମଦ୍ଦ ଅଲ୍ଲୀ ଅନ୍ୟତମ



କଂଗ୍ରେସର ସଂଖ୍ୟାଲଘୁ ସମାବେଶରେ ଉପସ୍ଥିତ ନେତୃମଣ୍ଡଳୀ।

ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଦେଶରେ ବିଭିନ୍ନ ସାମଗ୍ରୀ ସହ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ଯୋଗୁ ରୋଷେଇ ଘରେ ଚଡ଼କ ପଡ଼ିଛି। ଏବେ କେନ୍ଦ୍ର ସରକାର ମାତ୍ର ୨୦୦ ଟଙ୍କା କମାଇ ବାହାବା ନେଉଛନ୍ତି। ସେହିପରି ରାଜ୍ୟରେ ନବୀନ ପଟ୍ଟନାୟକ ସରକାର କୋମାରେ ରହିଛି। କଂଗ୍ରେସ ସରକାର ସମୟରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ ୱାକଫ୍ ବୋର୍ଡ, ମାଇନରଟି ଅର୍ଥ ନିଗମ ଗଠନକରି ମୁସଲମାନଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ। ତେଣୁ ଦେଶ ଓ ରାଜ୍ୟରେ କଂଗ୍ରେସ ସରକାର ଆସିଲେ ସଂଖ୍ୟାଲଘୁଙ୍କ ବିକାଶ ହେବ ବୋଲି ଅତିଥିମାନେ କହିଛନ୍ତି। ଏହି ସମାବେଶରେ କଂଗ୍ରେସ ନେତା କାନୁନ୍‌ଗୋ ନିଜ ବକ୍ତବ୍ୟରେ ପାଟକୁରାରେ ଗୋଟିଏ ଶୀତଳଭଣ୍ଡାର ନ ଥିଲା ବେଳେ ଜଳ ନିଷ୍କାସନ ସମସ୍ୟା ସମାଧାନ ହୋଇପାରିନାହିଁ। ଯେଉଁ ବିଧାୟିକାଙ୍କୁ ବିଧାନସଭା ପଠାଇଥିଲେ ସେ ଏପର୍ଯ୍ୟନ୍ତ ପାଟକୁରାର ସମସ୍ୟା ନେଇ ଥରୁଟିଏ ପାଇଁ ବିଧାନସଭାରେ ପାଟି ଖୋଲିନାହାନ୍ତି। ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ, ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ନାହାନ୍ତି ବୋଲି କହିଛନ୍ତି। ଏହି ଅବସରରେ ଜିଲା ସଂଖ୍ୟାଲଘୁ ସେଲ୍‌ର ସଭାପତି ସେକ୍ ଅର୍‌ମାନ, ପୂର୍ବତନ ନଗରପାଳ ଆକ୍‌ବର ଅଲ୍ଲୀ, ଛାତ୍ର କଂଗ୍ରେସର ସଭାପତି ପର୍‌ଭେଜ ଅକ୍‌ତର ନିଜ ନିଜର ବକ୍ତବ୍ୟରେ ଉଭୟ ସରକାରଙ୍କ ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ଅନନ୍ତ ପାତ୍ର, ରାଜକିଶୋର ମିଶ୍ର, ଜିଲା କଂଗ୍ରେସ ଉପସଭାପତି ନିରଞ୍ଜନ ରାଉତ, ସମ୍ପାଦକ ଦୟାନିଧି ଜେନା, ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତିରଞ୍ଜନ ପରିଡ଼ା, ରମାକାନ୍ତ ସ୍ୱାଇଁ, କୁମାର ପାଣି, ଗୋବର୍ଦ୍ଧନ ସାହୁ, ରମାକାନ୍ତ ନାଥ, ରଞ୍ଜନ ପରିଜା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମାବେଶରେ ଡେରାବିଶ, ଗରଦପୁର ବ୍ଲକର ଶତାଧିକ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାପୁରୁଷ ଯୋଗଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ସୁବାସ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଡେରାବିଶ ବ୍ଲକର ରିୟାଜୁଦ୍ଦିନି ଖାଁ, କାସିମ ଖାଁ, ରୋଶନ ଖାଁ, ସୟଦ ମୁସାଅଲ୍ଲୀ, କ୍ଷୋରବନ ଖାଁ, ନଜରାନ ବେଗମ, ସାହାଜାନ ଖାଁ ପ୍ରମୁଖ ଯୋଗଦେଇଥିଲେ। ଗରଦପୁର ବ୍ଲକର ମୁସ୍ତାକ୍ ଅଲ୍ଲୀଙ୍କ ନେତୃତ୍ୱରେ ସେକ୍ ମୁଜିବୁରୁ ରହେମନ, ମିର ଇପାକ୍ ଅଲ୍ଲୀ, ନିରିଲୁ ମହମ୍ମଦ, ମିର ଲିଆକତ୍ ଅଲ୍ଲୀ, ମୀନକେତନ ଘଡ଼େଇ, ଲକ୍ଷ୍ମୀ ଘଡ଼େଇ, ଲିପିକା ପାତ୍ରଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଭିନ୍ନ ଦଳ ଛାଡ଼ି କଂଗ୍ରେସରେ ସାମିଲ ହୋଇଥିଲେ। ସେକ୍ ମୁଜିବୁରୁ ରହେମନଙ୍କୁ ଗରଦପୁର ବ୍ଲକର ସଂଖ୍ୟାଲଘୁ ସେଲ୍‌ର ଦାୟିତ୍ୱ ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ସ୍କୁଟି ଆରୋହୀ ମୃତ



ଡେରାବିଶ, ୧୬।୯ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର କାକଡିଆ ଛକ ନିକଟରେ ଶନିବାର ଅଜଣା ଗାଡ଼ି ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରାଜକନିକା ଥାନା ଅନ୍ତର୍ଗତ ହାଟସାହି ଗ୍ରାମର ନିରଞ୍ଜନ ନାୟକ(୬୧)। ପୋଲିସ ସୂତ୍ରରୁ ପ୍ରକାଶ, ନିରଞ୍ଜନ ଅପରାହ୍ନରେ କଟକରୁ ରାଜକନିକା ଅଭିମୁଖେ ଯାଉଥିବା ବେଳେ କାକଡିଆ ଛକ ନିକଟରେ ସମ୍ମୁଖ ଭାଗରୁ କୌଣସି ଏକ ଅଜଣା ଗାଡ଼ି ଖୁବ୍ ଦ୍ରୁତଗତିରେ ଆସି ତାଙ୍କୁ ପିଟି ଦେଇଥିଲା। ଫଳରେ ଘଟଣାସ୍ଥଳରେ ନିରଞ୍ଜନଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିରଞ୍ଜନଙ୍କ ମୃତଦେହକୁ ଜବତ କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ଜବତ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ କୌଣସି ସନ୍ଧାନ ମିଳିପାରିନାହିଁ।

### ବିଶ୍ୱ ଓଜୋନ ଦିବସ

ରାଜକନିକା, ୧୬।୯ (ରବୀନ୍ଦ୍ରକୁମାରଦାସ)

ରାଜକନିକା ବ୍ଲକ ଓଳାଭର ଅକ୍ସଫୋର୍ଡ଼ ଇଂରାଜି ମାଧ୍ୟମ ବିଦ୍ୟାଳୟରେ ଶନିବାର ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ଗାଁ ଓ ଓଳାଭର ବଜାର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ଇକୋ କ୍ଲବର ନିର୍ମାଲ୍ୟ ଜେନା, ଗୋବିନ୍ଦ ଚନ୍ଦ୍ର ସାମଲ, ରଶ୍ମିକାନ୍ତ ବିଶ୍ୱାଳ, ପ୍ରିୟଦର୍ଶିନୀ ରାଉତ, ଶରତ କୁମାର ଜେନା, ଅଭିଷେକ ସାମନ୍ତରାୟ, ମିନତି ବାୟୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଓଜୋନ ଦିବସର ଗୁରୁତ୍ୱ ବିଷୟରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମିସ ଡଲିଙ୍କ ସଂଯୋଜନାରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଅକ୍ଷୟ ନାଥ ଯୋଗଦେଇ ଓଜୋନ ଦିବସ ବିଷୟରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

### ଅଗ୍ନିଶମ ସେବା ସଂସ୍ଥା ଆଳି ଶାଖା ପକ୍ଷରୁ ଜନସଚେତନତା

ଆଳି, ୧୬।୯ (ବନମାଳୀ ସେନାପତି)

ଆଳି ନିଆଳଠାରେ ଥିବା ଜାଭିୟର ଇଣ୍ଟରନେଶନାଲ ସ୍କୁଲ ପରିସରରେ ଆଳି ଦମକଳ କେନ୍ଦ୍ରର କେନ୍ଦ୍ରାଧିକାରୀ ବସନ୍ତ କୁମାର ସାମଲଙ୍କ ଦ୍ୱାରା ଜନସଚେତନତା ଓ ଆଶୁ ଅଗ୍ନି ନିର୍ବାପନ, ବିପଦକୁ ଏଡାଇ ଦେବାର ଆଧୁନିକ କର୍ମ କୌଶଳ ଜ୍ଞାନ ବିଭିନ୍ନ ଅଗ୍ନି ନିର୍ବାପନ ଯନ୍ତ୍ରର ବ୍ୟବହାର ଓ ଉପଯୋଗିତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଆଗ୍ନିକ ବିଭୂତି ଭୂଷଣ ନାୟକ ୨୧୩ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଳୟର କର୍ମଚାରୀମାନଙ୍କୁ ବିଦ୍ୟାଳୟର ଖେଳପଡିଆରେ ଅଗ୍ନି ନିର୍ବାପନ କୌଶଳ ତାଲିମ ପ୍ରଦାନ କରିଥିଲେ। ପେଟ୍ରୋଲ, ବିଜୁଳି, ଧାତବ ପଦାର୍ଥରେ ଅଗ୍ନିରେ ଭିନ୍ନ ଭିନ୍ନ ତରିକାରେ ଏହା ନିର୍ବାପନ କରାଯିବାର ଦୃଶ୍ୟ ଦେଖାଇ ଥିଲେ। ଏଥିରେ ଅଗ୍ନି ବିଭାଗ କର୍ମଚାରୀ, ଖେଳ ଶିକ୍ଷକ ପ୍ରବୀର, ଶିକ୍ଷିକା ଶୁଭଶ୍ରୀ ଓ ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା ବିଦ୍ୟାଳୟ ପକ୍ଷରୁ ଭାଗ ନେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଯ୍ୟୋଧନ ଦାଶ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଉପର ମହଲାରୁ ତଳକୁ ଅନ୍ୟ ଛାତ୍ରଙ୍କୁ ମକ୍ ଡ୍ରିଲ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇଥିଲା। ରେସ୍କୁ ଅପରେଶନରେ ସ୍ୱାଧୀନତା ଦାସ ଓ ଶିକ୍ଷିକା ଯଶୋବନ୍ତୀ ସାମିଲ ଥିଲେ। ବିଭିନ୍ନ ସମୟରେ ଆସୁଥିବା ବିପତିକୁ ମୁକାବିଲା କରିବା ପାଇଁ ପିଲାମାନଙ୍କୁ ତାଲିମ ଦିଆଯାଇଥିବାରୁ ବିଦ୍ୟାଳୟର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରଶଂସା କରିଥିଲେ। ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଦିଆଯାଇଥିବା ତାଲିମ ସମସ୍ତଙ୍କ ଜୀବନରେ ନିଶ୍ଚୟ କାମରେ ଆସିବ ବୋଲି ପଣ୍ଡା କହିଛନ୍ତି।

## ଅପପୁଷ୍ଟି ରୋକିବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରୟାସ

ଡେରାବିଶ, ୧୬।୯ (ବେବର୍ତ୍ତା ଅଜୟ ଦାସ)

୩ରୁ ୫ ବର୍ଷର ଶିଶୁ, ଗର୍ଭବତୀ, ପ୍ରସୂତି ମହିଳାମାନଙ୍କ ପାଇଁ ମହିଳା ଓ ଶିଶୁ ସମନ୍ୱୟ ବିକାଶ ବିଭାଗ ପକ୍ଷରୁ ନୂଆ ପ୍ରୟାସ ଆରମ୍ଭ ହୋଇଛି। ଅପପୁଷ୍ଟି ରୋକିବା, ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପୁଷ୍ଟିକର ଜାତୀୟ କିଟ୍‌ସ ଯୋଗାଇଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଡେରାବିଶ ବ୍ଲକ ସିଡିପିଓଙ୍କ ପ୍ରସ୍ତାବ ଅନୁଯାୟୀ, କେନ୍ଦ୍ରାପଡ଼ା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ଲକ ଅଞ୍ଚଳରେ ଥିବା ୨୨୪ଟି ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ଏହି ପୁଷ୍ଟିକର ଜାତୀୟ କିଟସ୍ ଯୋଗାଇ ଦିଆଯିବ ବୋଲି ଜିଲା ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତ କହିଛନ୍ତି। ଦତ୍ତଙ୍କ ସୂଚନା ଅନୁଯାୟୀ, ଡେରାବିଶ ସିଡିପିଓ ସ୍ନେହଲତା ସାହୁଙ୍କ ପ୍ରସ୍ତୁତ ତାଲିକା ଅନୁଯାୟୀ, ବ୍ଲକରେ ସମୁଦାୟ ୧୭୦୭ ଜଣଙ୍କୁ ପୁଷ୍ଟିକର କିଟ୍‌ସ ଯୋଗାଇ ଦିଆଯିବ। ସେଥିମଧ୍ୟରୁ ଜନ୍ମରୁ ୫ ମାସ ପର୍ଯ୍ୟନ୍ତ ଶିଶୁ ୨୬ ଜଣ, ୫ ମାସରୁ ୬୯ ମାସର ଶିଶୁ ୨୮ ଜଣ, ପ୍ରସୂତି ମହିଳା ୬୫୬ ଜଣ ଓ ୯୯୭ ଜଣ ଗର୍ଭବତୀଙ୍କୁ ଏହି ପୁଷ୍ଟିକର କିଟ୍ ସିଡିପିଓଙ୍କ ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଜଣାଇଛନ୍ତି।

# ଶିକ୍ଷକମାନେ ଧାରଣାସ୍ଥଳରେ ଗୀତ, ନାଚ କରି ପ୍ରତିବାଦ


ଗୀତ, ନାଚ ମାଧ୍ୟମରେ ପଟ୍ଟାମୁଣ୍ଡାଇରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରତିବାଦ ।

ପଟ୍ଟାମୁଣ୍ଡାଇ, ୧୬।୯ (ଅକ୍ଷୟ ବିଶ୍ୱାଳ)

## ସମୂହ ଛୁଟି ଯୋଗୁ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ବନ୍ଦ

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନକ୍ରମେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ସମସ୍ତ ପ୍ରାଥମିକ ଶିକ୍ଷକ ସମୂହ ଛୁଟିରେ ଯାଇଛନ୍ତି। ଶିକ୍ଷୟିତ୍ରୀଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଗୀତ, ନାଚ କରି ପ୍ରତିବାଦ ଜଣାଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଓ ସମୂହ ଛୁଟି ଅବ୍ୟାହତ ରହିବ ବୋଲି ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ସେମାନେ ଆନ୍ଦୋଳନକୁ ଓହ୍ଲାଇବା ଯୋଗୁ ପଟ୍ଟାମୁଣ୍ଡାଇରେ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢା ଠପ ହୋଇଯାଇଛି। ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏହି ଛୁଟି ଦରଖାସ୍ତ ଦିଆଯାଇଛି। ପ୍ରାଥମିକ ଶିକ୍ଷକମାନେ ଛୁଟିରେ ଯିବାରୁ ପଟ୍ଟାମୁଣ୍ଡାଇ ବ୍ଲକର ୧୧୩ଟି ପ୍ରାଥମିକ ବିଦ୍ୟାଳୟ ୬୮ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏସବୁ ବିଦ୍ୟାଳୟରେ ୧୦୦୯ ଜଣ ଶିକ୍ଷକତା କରୁଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଛୁଟିରେ ରହିବାରୁ ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଗୁରୁତର ସ୍ଥିତି ଉପୁଜିଛି। ୧୧୧ଟି ପ୍ରାଥମିକ ବିଦ୍ୟାଳୟରେ ୧୮, ୧୦୩ ଜଣ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ଡୋରି ବନ୍ଧା ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକର ୬୪ଟି ସ୍କୁଲ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ୧୩୦ଟି ସ୍କୁଲରେ ପାଠପଢ଼ା ପ୍ରଭାବିତ ହୋଇଛି। ଅନ୍ୟବର୍ଗର ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ସ୍କୁଲ ଖୋଲିଥିବା ବେଳେ ପାଠପଢ଼ା କିନ୍ତୁ ହୋଇପାରିନାହିଁ। ପାଠପଢ଼ା ପାଇଁ ବିକଳ୍ପ ବ୍ୟବସ୍ଥା ଉଚ୍ଚ କର୍ତ୍ତୃପକ୍ଷ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଶୁକ୍ରବାରଠାରୁ ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସବୁ ଶିକ୍ଷୟିତ୍ରୀଶିକ୍ଷକ ସମୂହ ଛୁଟିରେ ଯାଇ ଧାରଣାରେ ବସିଛନ୍ତି। ଏହି ଧାରଣାରେ ଶିକ୍ଷକ ନେତା ବିଶ୍ୱ ରଞ୍ଜନ ଦାଶ, ପ୍ରେମାନନ୍ଦ ଜୀବନ ଦାସ, ରାଜ୍ୟ ନେତା ମଳୟ କୁମାର ଜେନା, ଦିବାକର ଦାଶ, ଅନ୍ତର୍ଯ୍ୟାମୀ ବେଜ୍, ଅଦ୍ୱୈତ୍ୟ ପ୍ରସାଦ ବିଶ୍ୱାଳ, ସୁରେନ୍ଦ୍ର କୁମାର ମଳିକ, ଗୋଦାବରିଶ ମିଶ୍ର, ଲୋକନାଥ ନାୟକ, ସୁଜାତା ଦାସ, ଅଜୟ ସ୍ୱାଇଁ, ସୁକଦେବ ସେଠୀ, ପ୍ରଦୀପ ତରାଇ, କୁଞ୍ଜଲତା ସାହୁ, ମମତା ଷଡଙ୍ଗୀ, କ୍ରୀଷ୍ଣା ସ୍ୱାଇଁ, ଶଶିକଳା ପଣ୍ଡା, ସରୋଜିନୀ ଦାସ,ଗୀତାଞ୍ଜଳୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ପୂର୍ବତନ ବିଧାୟକ

ପଟ୍ଟାମୁଣ୍ଡାଇ, ୧୬।୯ (ଅକ୍ଷୟ ବିଶ୍ୱାଳ)

ବେଙ୍ଗାଲୁରରୁ ଆମ୍ବୁଲାନ୍ସରେ ଅସୁସ୍ଥ ଜ୍ୱାଇଁ ଓ ଝିଅଙ୍କ ସାଙ୍ଗରେ ଧରି ଶ୍ୱଶୁର, ଦାଦା ଶ୍ୱଶୁର ଫେରିବା ବାଟରେ ଆନ୍ଧ୍ରପ୍ରଦେଶ ଚିତ୍ତୋରଠାରେ ତେଲ ଟ୍ୟାଙ୍କର ସହ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ହରଡଡିହ ଗ୍ରାମର ଶ୍ୱଶୁର ତ୍ରିଲୋଚନ ନାୟକ ଓ ଦାଦାଶ୍ୱଶୁର ବିଜୟ ନାୟକଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରକୁ ଶନିବାର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାଶ ଓ ବରିଷ୍ଠ ବିଜେଡି ନେତା ପ୍ରବୋଧ ଖଣ୍ଡାଇ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସୂଚନାଯୋଗ୍ୟ, ଜ୍ୱାଇଁ ଉମେଶଙ୍କ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର କିମସ୍‌ରୁ ଆମ୍ବୁଲାନ୍ସ ଯୋଗେ ବେଙ୍ଗାଲୁରୁସ୍ଥିତ ଭିକ୍ଟୋରିଆ ହସ୍ପିଟାଲକୁ ଡାକ୍ତର ପଠାଇ ଥିଲେ। ତାଙ୍କ ସହ ପତ୍ନୀ ରଶ୍ମିତା ସାହୁ, ଶ୍ୱଶୁର ତ୍ରିଲୋଚନ ଓ ଦାଦା ଶ୍ୱଶୁର ବିଜୟ ଯାଇଥିଲେ। ଡାକ୍ତର ପରୀକ୍ଷା କଲା ପରେ ମସ୍ତିଷ୍କ ଇନ୍‌ଫେକ୍ସନ ନୁହେଁ ବରଂ ତାଙ୍କର କୀଡନି ନଷ୍ଟ ହୋଇଯାଇଥିବା କହି ତାଙ୍କୁ ଫେରାଇ ଦେଇଥିଲେ। ସେହି ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଫେରିବା ବେଳେ ରାସ୍ତାରେ ଠିଆ ହୋଇଥିବା ଏକ ତେଲ ଟ୍ୟାଙ୍କର ବାମ ପଟେ ଖୁବ୍ ଜୋରରେ ଧକ୍କା ହୋଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଆରେହୀମାନେ ଚାପି ହେଇ ମୃତ୍ୟୁବରଣ କରିଛଥିଲେ ବୋଲି ସେଠାକାର ପୋଲିସ ସୂଚନା ଦେଇଥିଲା।

## ଡେରାବିଶ ବିଇଓଙ୍କ ଦୋମୁହାଁ ନୀତି ପଦାରେ ପଡ଼ିଲା

### ଏବେ ବି ବହୁ ପ୍ରାଥମିକ ବିଦ୍ୟାଳୟରେ ଝୁଲୁଛି ତାଲା

ଡେରାବିଶ, ୧୬।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ ଦୋମୁହାଁ ନୀତି ପଦାରେ ପଡ଼ିଥିବା ସାଧାରଣରେ ଆଲୋଚନା ହେଉଛି। ନିଖିଳ ଉତ୍କଳ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଆହ୍ୱାନକ୍ରମେ ଚାଲିଥିବା ଆନ୍ଦୋଳନରେ ଡେରାବିଶ ବ୍ଲକ ପ୍ରାଥମିକ ବିଦ୍ୟାଳୟର ବହୁ ଶିକ୍ଷକ ସାମିଲ ହୋଇଛନ୍ତି। ଏ ନେଇ ଦୀର୍ଘ ୫ଦିନ ହେବ ବ୍ଲକ ଅଧୀନସ୍ଥ ବହୁ ବିଦ୍ୟାଳୟରେ ତାଲା ଝୁଲୁଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଏ ନେଇ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ତାଲା ପଡ଼ିଥିବା ବିଦ୍ୟାଳୟ ଖୋଲିବା ବିଷୟରେ ଯୋଗାଯୋଗ କରାଯାଇଥିଲା। ଶିକ୍ଷାଧିକାରୀ ବେହେରା ଶନିବାର ବନ୍ଦ ଥିବା ବିଦ୍ୟାଳୟକୁ ଖୋଲିବା ପାଇଁ ଏବଂ ପାଖ ବିଦ୍ୟାଳୟରେ ନିୟମିତ ଶିକ୍ଷକଙ୍କୁ ନେଇ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଶନିବାର କେତେଗୋଟି ହାତଗଣତି ବିଦ୍ୟାଳୟର ତାଲା ଖୋଲାଯାଇ ପାଠପଢ଼ା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପିଲାଙ୍କ ଉପସ୍ଥାନ ବହୁ କମ୍ ଥିଲା। ଏଥିସହ ବହୁ ବିଦ୍ୟାଳୟରେ ଶନିବାର ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ତେବେ ଏ ବିଷୟରେ ଶନିବାର ସନ୍ଧ୍ୟାରେ ବ୍ଲକ ଶିକ୍ଷାଧିକାରୀ ବେହେରାଙ୍କୁ ପୁନର୍ବାର ପଚାରିବାରେ ସୋମବାର ସମସ୍ତ ସିଆର୍‌ସିସିଙ୍କର ଏକ ବୈଠକ ଡକାଯାଇଛି। ବନ୍ଦ ଥିବା ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ମଧ୍ୟ କଡ଼ାକଡ଼ି ଦୃଷ୍ଟି ଦିଆଯାଉଛି। ଅପରପକ୍ଷେ ଏହି ଶିକ୍ଷା ସର୍କଲ ଅଧୀନ ୧୭ଟି କ୍ଲଷ୍ଟରରେ ୧୭ ଜଣ ସିଆର୍‌ସିସି ନିଯୁକ୍ତ ରହିଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ ୧୩ ଜଣ ସିଆର୍‌ସିସି ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ୪ ଜଣ ସିଆର୍‌ସିସି କିପରି ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ବନ୍ଦ ଥିବା ବିଦ୍ୟାଳୟକୁ ଶିକ୍ଷକ ଯୋଗାଇବେ ବୋଲି ପ୍ରଶ୍ନ କରିବାରୁ ଶିକ୍ଷାଧିକାରୀ ବେହେରା ସୋମବାର ଅଫିସକୁ ଆସି ସମସ୍ତ କଥା ବୁଝିବାକୁ କହିଥିଲେ। ତେବେ ଉକ୍ତ ବ୍ଲକ ଅଞ୍ଚଳରେ ୨୪୩ଟି ପ୍ରାଥମିକ ବିଦ୍ୟାଳୟ ଓ ୪୦ରୁ ଅଧିକ ଉଚ୍ଚ ବିଦ୍ୟାଳୟ ରହିଛି। ଏ ସମସ୍ତ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ସଂଖ୍ୟା କମ୍ ରହିଥିବା ବେଳେ ଆନ୍ଦୋଳନରେ ୮୦ ପ୍ରତିଶତ ଶିକ୍ଷକ ସାମିଲ ହୋଇଥିବାରୁ ବନ୍ଦ ଥିବା ବିଦ୍ୟାଳୟ କେମିତି ଖୋଲାଯାଇ ପାଠପଢ଼ା ହେବ ଏ ନେଇ ଶିକ୍ଷାବିତ୍ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ସିହୋପଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିଚାରଣ ସଭା



କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜକନିକା, ୧୬।୯ (ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ସିହୋପଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କଳାକାର ନାୟକଙ୍କ ଶନିବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କୃତପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ସାମଲ ଏହି ସଭାରେ ପୌରୋହିତ୍ୟ କରିଥିଲେ। ତେବେ ମୁଖ୍ୟ ଅତିଥି ଭାବେ ଡେରାବିଶ ମହାବିଦ୍ୟାଳୟ ଅଧ୍ୟାପକ ବୃନ୍ଦାବନ ଦାସ ଓ ମୁଖ୍ୟ ବକ୍ତା ବରିଷ୍ଠ ଖବରଦାତା ଶିବରାମ ଦାସ ଯୋଗଦେଇ କହିଥିଲେ, ଶିକ୍ଷକ କଳାକାର ଭଲ ପାଠ ପଢ଼ାଇ ଶିକ୍ଷକ, ବୈଜ୍ଞାନିକ, ଅଧ୍ୟାପକ, ପ୍ରାଧ୍ୟାପକ ସୃଷ୍ଟି କରିପାରିଛନ୍ତି। ତେବେ ତାଙ୍କ ପିଲାମାନଙ୍କୁ ଉଚିତ୍ ଶିକ୍ଷା ଦେଇ ସଂସ୍କାର ଆଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିଲ କୁମାର ନାୟକ, ଅଧ୍ୟାପକ ବିଶ୍ୱଜିତ ସାହୁ, ଅଶୋକ କୁମାର ସାମଲ, ଦିଲୀପ କୁମାର ବେହେରା, ସୁଦର୍ଶନ ମଲ୍ଲିକ, ସୌରୀଶଙ୍କର ରାୟ, ଗିରିଜା ଶଙ୍କର ନାୟକ, ଡ. କିଶୋର ଚନ୍ଦ୍ର ମଲିକ, ସରୋଜିନୀ ନାୟକ, ଶିବଶଙ୍କର ନାୟକ, ବିଦ୍ୟୁତ୍ ନାୟକ ପ୍ରମୁଖ ଅଭିବ୍ୟକ୍ତି ରଖିଥିଲେ। ଏହି ଅବସରରେ କୃତୀ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ତାଙ୍କ ବଡ଼ପୁଅ ତଥା ଡେରାବିଶ କଲେଜ ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ପଟ୍ଟାମୁଣ୍ଡାଇରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ

## ବଢ଼ିଚାଲିଛି ବେଆଇନ ଔଷଧ କାରବାର

ପଟ୍ଟାମୁଣ୍ଡାଇ, ୧୬।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଖୁଲମ୍‌ଖୁଲା ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ନିମ୍ନମାନର ଔଷଧ ବଜାରରେ ବିକ୍ରି ଓ ସପ୍ଲାଏ କରାଯାଉଛି। ରୋଗରୁ ଉପଶମ ପାଇଁ ନକଲି ଡାକ୍ତର ଦେଉଥିବା ଔଷଧ ମୃତ୍ୟୁର କାରଣ ସାଜିପାରେ, ଏହା କେହି କଳ୍ପନାରେ ସୁଦ୍ଧା ଭାବିପାରିବେ ନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଅଞ୍ଚଳଗୁଡ଼ିକରେ ପରିଦର୍ଶନ ସହ ଅଙ୍କୁଶ ଲଗାଇବାକୁ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି।

ସାମାଜିକ କର୍ମୀ ରବୀନ୍ଦ୍ର ଭଞ୍ଜ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ କି ଜିଲା ଭେଷଜ ନିୟନ୍ତ୍ରକ ବିଭାଗର ଅଧିକାରୀ ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇଁ ଏକପ୍ରକାର ନୀରବତା ଅବଲମ୍ବନ କରିଛନ୍ତି। ଏହି ବିଭାଗ ସମ୍ପ୍ରତି ଅସାଧୁ ଔଷଧ ବ୍ୟବସାୟୀଙ୍କ ପାଖରେ ବନ୍ଧା ପଡ଼ିଛି। ଜିଲା ଭେଷଜ ନିରୀକ୍ଷକ ନୀରବଦ୍ରଷ୍ଟା ସାଜିବାରୁ ବେଆଇନ ଔଷଧ କାରବାର ବ୍ୟାପକ ଭାବେ ବୃଦ୍ଧି ପାଉଛି। ସେହିପରି ଜିଲା ସ୍ୱାସ୍ଥ୍ୟ ବିଭାଗ ନୀରବ ରହିବାରୁ ନକଲି ଡାକ୍ତରଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ଡାକ୍ତରମାନେ ନାମୀଦାମୀ କମ୍ପାନୀ ନାଁରେ ନକଲି ଔଷଧ ଯୋଗାଇ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ବୁଦ୍ଧିଜୀବୀ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ଜିଲାର ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା, ରାଜନଗର ଓ ମହାକାଳପଡ଼ା ପ୍ରଭୃତି ଅଞ୍ଚଳରେ ଏବେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ିଯାଇଛି। ଭୁଲ୍ ଚିକିତ୍ସା ଯୋଗୁ ରୋଗୀଙ୍କ ପ୍ରାଣ ମଧ୍ୟ ଯାଉଛି। ଏମିତି ଅସଂଖ୍ୟ ନକଲି ଡାକ୍ତରଙ୍କୁ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହେଉଛି। ମାତ୍ର ଦିନକୁ ଦିନ ଏମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା ଅଞ୍ଚଳର ବିଭିନ୍ନ ବଜାର ଏବଂ ହସ୍ପିଟାଲ ପାଖରେ ରହିଛି ଏହିସବୁ ନକଲି ଡାକ୍ତରଙ୍କ କ୍ଲିନିକ୍। ଏଠାରେ ସମସ୍ତ ରୋଗର ଔଷଧ ଓ ଉପଚାର ଉପଲବ୍ଧ ହେଉଛି। ଜୁଲାଇ ୧୫ରେ ଏମିତି ଜଣେ ନକଲି ଡାକ୍ତରଙ୍କଠାରୁ ଔଷଧ ଖାଇ ରାଜନଗର ବିଲିକଣା ଶାସନର ଅଷ୍ଟମ ଶ୍ରେଣୀ ଛାତ୍ର ସୁବ୍ରତ କୁମାର ବାରିକଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ସ୍ଥାନୀୟ ପ୍ରଶାସନ ନିଦରୁ ଉଠି ବିଳିବିଳେଇବା ପରି ଜଣେ ଅଧେଙ୍କ କ୍ଲିନିକ୍ ବନ୍ଦକରି ଏବେ ପୁଣି ନିଦରେ ଶୋଇପଡିଛି ଜିଲା ସ୍ୱାସ୍ଥ୍ୟ ଓ ଭେଷଜ ନିୟନ୍ତ୍ରକ ବିଭାଗ। ଜଣେ ରୋଗୀ କହିଛନ୍ତି, ସରକାରୀ ହସ୍ପିଟାଲରେ ଯେଉଁ ମେଡିସିନ ଦିଆଯାଉଛି ତା'ଠାରୁ ଭଲ ଗାଁଗହଳି ଡାକ୍ତର ଓ କବିରାଜଙ୍କ ପାଖରେ ମିଳୁଛି। ହସ୍ପିଟାଲରେ ଲମ୍ବାଧାଡ଼ିରେ ଛିଡାହେବା ଓ ଏଠୁ ସେଠିକି ଧାଇଁବାକୁ ପଡୁଥିବାରୁ ସେମାନେ ଏହିସବୁ କ୍ଲିନିକ୍ ଉପରେ ନିର୍ଭର କରୁଛନ୍ତି। ତେବେ ସରକାରୀ ଡାକ୍ତରଖାନାର ଡାକ୍ତରମାନେ ନିରାମୟ ଯୋଜନାରେ ଉପଲବ୍ଧ ଔଷଧ ଲେଖୁନାହାନ୍ତି। ବାହାର ଦୋକାନରେ ମିଳୁଥିବା ଔଷଧ ପ୍ରାୟ ୧୦୦୦ରୁ ୧୫୦୦ ଟଙ୍କା ଭଳି ଲେଖୁଛନ୍ତି। ଅଧିକାଂଶ ଔଷଧ ଫୋପଡ଼ା ହେଉଛି। ସେଥିଲାଗି ଆମେ ଗାଁ ଗହଳିରେ ଥିବା ଔଷଧ ଦୋକାନ ଓ ଡାକ୍ତରଙ୍କୁ ଦେଖାଇଲେ ୧୦୦ ଟଙ୍କା ଭିତରେ ରୋଗ ଭଲ ହେଉଛି। ବରିଷ୍ଠ ନାଗରିକ ବିଜୟ ଦାସ କହିଛନ୍ତି, ଗ୍ରାମାଞ୍ଚଳ ରୋଗୀମାନେ ସଚେତନତା ଅଭାବରୁ ଏହି ନକଲି ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତି ଗ୍ରାମରେ ଆଶା, ଅଙ୍ଗନୱାଡି, ଏଏନ୍‌ଏମ୍ ଓ ମହିଳା ସଙ୍ଗଠନ ନିଯୁକ୍ତ ହୋଇଥିଲେ ମଧ୍ୟ ଏମାନଙ୍କ ନଜର ଏହି ନକଲି ଡାକ୍ତରଙ୍କ ଉପରେ ପଡୁନାହିଁ କାହିଁକି ବୋଲି ପ୍ରଶ୍ନ ଉଠୁଛି। ଏମାନେ ଜାଣୁଛନ୍ତି ଯେ ଗାଁ ଗହଳିରେ ନକଲି ଡାକ୍ତରମାନେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କାହିଁକି କରୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଉଠାଉଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା

## ସଂକ୍ଷେପରେ

### ଜୀବନ କୌଶଳ ଶିକ୍ଷା ଉପରେ ତାଲିମ କାର୍ଯ୍ୟକ୍ରମ

ଫୁଲବାଣୀ,୧୬।୯(ରାକେଶ କୁମାର ରାଉତ)

ଫୁଲବାଣୀ ଆଇଟିଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜୀବନ କୌଶଳ ଶିକ୍ଷା ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୬ଟି ବ୍ଲକରୁ ଆଇସିଡିଏସ୍ ସହାୟତାରେ ଚାଲିଥିବା ଆଦ୍ୱିକା କାର୍ଯ୍ୟକ୍ରମର କିଶୋରୀ ବାଳିକା ଓ ଶିଶୁ ଯତ୍ନ ଅନୁଷ୍ଠାନର କିଶୋରୀ ବାଳିକାମାନେ ଭାଗ ନେଇଥିଲେ। ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିପରି କିଶୋରୀମାନେ ନିଜକୁ ନିଜେ ସଚେତନ କରି ପାରିବେ, ନିଜର ଆତ୍ମ ସୁରକ୍ଷା କରିବେ ତାହା ଉପରେ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହକାରୀ ଜିଲାପାଳ ଦିପ୍ତୀମୟୀ ପ୍ରଧାନ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରଜତ କୁମାର ଦିଗାଳ, ସଦସ୍ୟ ମମତା ଦାସ, ସଦାଶିବ ପାତ୍ର ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅବଗତ କରିଥିଲେ । ପ୍ରଶିକ୍ଷକ ଭାବେ ପ୍ରଦୀପ କୁମାର ସ୍ୱାଇଁ, ସୁପ୍ରଭା ପ୍ରଧାନ ଯୋଗ ଦେଇଥିବା ବେଳେ ସୁନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଆମେ ଗଢିବା ନୂଆ ଓଡ଼ିଶା କାର୍ଯ୍ୟକ୍ରମ

ବ୍ରାହ୍ମଣୀଗାଁ,୧୬।୯ (ମନୋରଞ୍ଜନ ରଣା): ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ଉଲିପଦର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋଦନ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡି ତହସିଲଦାର ଶରତ କୁମାର ଶବର ଯୋଗଦାନ କରି ବୈଠକରେ 'ଆମେ ଜାଣିବା ଆମେ ଜିଣିବା' ଓ ଆମେ ଗଢିବା ନୂଆ ଓଡିଶା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରଯାଇଥିବା ବେଳେ ଶିକ୍ଷକ ଅମିତ କୁମାର ଦୀପ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଝିଞ୍ଜିରିଗୁଡ଼ା ସରପଞ୍ଚ ଚାନ୍ଦିନି ପ୍ରଧାନ ମଞ୍ଚାସୀନ କରିଥିଲେ। ସେହିପରି ହାତିମୁଣ୍ଡା ସେବାଶ୍ରମର ପ୍ରଧାନ ଶିକ୍ଷକ ଯଶବନ୍ତ ପ୍ରଧାନ, କିରାମା କନ୍ୟାଶ୍ରମର ପ୍ରଧାନ ଶିକ୍ଷକ, ଉଲିପଦର ସେବାଶ୍ରମର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ବିଦ୍ୟାଳୟ ବୁଲି କାର୍ଯ୍ୟକ୍ରମ ପରିଚାଳନାର ତଦାରଖ କରିଥିଲେ।

### ଲୋକ କଳାକାର ଚୟନ

ଦିଗପହଣ୍ଡି,୧୬।୯(ଅଶେଷ ନାଥ ମିଶ୍ର)

ରାଜ୍ୟ ସରାକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଚାର ପ୍ରସାର ପାଇଁ ଦିଗପହଣ୍ଡି ବ୍ଲକ୍ କଳା ସଂସ୍କୃତି ସଂଘ ପକ୍ଷରୁ କଳାକାର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଲୋକକଳାରେ ସମ୍ପୃକ୍ତ ୪୦ଟି ଅନୁଷ୍ଠାନର କଳାକାରମାନେ ଏହି ଚୟନ ପ୍ରକ୍ରିୟା ଦ୍ୱାରା ମନୋନୀତ ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ଦିଗପହଣ୍ଡି ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ରଥ, ଗଞ୍ଜାମ୍ ପ୍ରସିଦ୍ଧ ଭାରତଲୀଳା ନୋକନୃତ୍ୟ ଗୁରୁ ନବଘନ ପରିଡା, ପ୍ରହଲ୍ଲାଦ ନାଟକର ଗୁରୁ ଦାଶରଥୀ ରେଡ୍ଡୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବ୍ଲକ୍ କଳାସଂସ୍କୃତି ସଂଘର ଉପ-ସଭାପତି ବିପିନ ବିହାରୀ ଦାସ ଏବଂ ଆଲୋକ ବିଷୋୟୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଏଗ୍ରିମେଣ୍ଟ ବାତିଲ୍ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

- କୃଷି ଅନୁଦାନ ଲୁଟିବାର କସରତ ପଣ୍ଡ
- ଏନ୍‌ଜିଓଙ୍କ ସହ କୃଷି ବିଭାଗରଏଗ୍ରିମେଣ୍ଟ ବାତିଲ ହେବ
- ଜିଲାପରିଷଦ ସଭାପତି ଗୃହରେ ଉଠାଇଥିଲେ ପ୍ରସଙ୍ଗ
- ଧାଡିରେ ଧାନବୁଣା ପାଇଁ ୩ବର୍ଷ ପର୍ଯ୍ୟନ୍ତ ହୋଇଥିଲା ଏଗ୍ରିମେଣ୍ଟ

ନୟାଗଡ,୧୬।୯(ଲୋକନାଥ ମିଶ୍ର): ଧାଡିରେ ଧାନବୁଣା ପାଇଁ କୃଷି ଅନୁଦାନ ଲୁଟିବାର କସରତ ପଣ୍ଡ ହୋଇଛି । ଧାଡ଼ିରେ ଧାନବୁଣା ପାଇଁ ୩ ବର୍ଷ ପର୍ଯ୍ୟନ୍ତ ଏନ୍‌ଜିଓଙ୍କ ସହ ହୋଇଥିବା ଏଗ୍ରିମେଣ୍ଟକୁ ବାତିଲ୍ କରିବାକୁ ଶନିବାର ସୃଜନ ସଭାକକ୍ଷରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ଧାଡ଼ିରେ ଧାନବୁଣା ପାଇଁ କୃଷି ଅନୁଦାନ ଲୁଟିବାର କସରତ ଖବର ଧରିତ୍ରୀରେ ଶନିବାର ପ୍ରକାଶ ପାଇବା ପରେ ଜିଲା ପରିଷଦ ବୈଠକରେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଶନିବାର ଉପସ୍ଥାପନ କରି ଚର୍ଚ୍ଚା କରିଥିଲେ । ଜିଲାପାଳ ଓ ଜିଲା ପରିଷଦ ସଭାପତି ଘଟଣା ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପଚାରି ବୁଝିଥିଲେ ।

ସୂଚନାଯୋଗ୍ୟ, ସରକାର ଧାଡ଼ିରେ ଧାନବୁଣା ପାଇଁ ହେକ୍ଟର ପିଛା ୧୦ ହଜାର ଟଙ୍କା ସହାୟତା ଯୋଗାଉଛନ୍ତି । ଏଥିରେ ଚାଷୀ ୭ ହଜାର ଟଙ୍କା, ଏନ୍‌ଜିଓ ପାଇବ ଅଢ଼େଇ ହଜାର ଟଙ୍କା ଓ କୃଷକ ସାଥି ୫୦୦ ଟଙ୍କା ପାଇବାର ରହିଛି । ତେବେ କୃଷି ବିଭାଗର ଅବହେଳା ଯୋଗୁ ଚାଷୀ ୨୦୨୩-୨୪ ଆର୍ଥିକ ବର୍ଷରେ ନୟାଗଡ଼ ଜିଲାରେ ଏହି ଅନୁଦାନ ପାଇବାରେ ଅସମର୍ଥ ହୋଇଛନ୍ତି । ଧାନ ବୁଣା ଓ ଧାନ ରୁଆ ପରେ କୃଷି ବିଭାଗ ଧାଡ଼ିରେ ଧାନ ବୁଣା ବିଜ୍ଞାପନ ପ୍ରକାଶ କରିଥିଲା । ତାହା ପୁଣି କୌଣସି ଖବର କାଗଜରେ ବାହାରି ନ ଥିଲା । ଜିଲାପାଳଙ୍କ ୱେବସାଇଟରେ ଏହାକୁ ପ୍ରକାଶ କରି କିଛି ଦିନ ରଖି ପୁଣି ଗାଏବ କରି ଦିଆଯାଇଥିଲା। ସେହିପରି ଜିଲା ଭିତର ଏନ୍‌ଜିଓଙ୍କୁ ଧାଡିରେ ଧାନବୁଣା କାର୍ଯ୍ୟକ୍ରମ ପାଇଁ ସୁଯୋଗ ଦେବା ପାଇଁ ନିୟମ ରହିଛି । ତେବେ ଜିଲା ଭିତରର ଏନ୍‌ଜିଓଙ୍କୁ ଅଣଦେଖା କରି କଟକ, ପୁରୀ ଓ ଭୁବନେଶ୍ୱର ଏନ୍‌ଜିଓମାନଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା । ପୁଣି ଜିଲାରେ ଧାଡ଼ିରେ ଧାନବୁଣା କାର୍ଯ୍ୟକ୍ରମ ଆଦୌ ହୋଇ ନ ଥିବାବେଳେ କଟକ, ପୁରୀ ଓ ଭୁବନେଶ୍ୱରର ୩ ଏନ୍‌ଜିଓଙ୍କ ସହ ହୋଇଥିବା ଏଗ୍ରିମେଣ୍ଟକୁ ବାତିଲ କରାଯାଇ ନ ଥିଲା । ଏଗ୍ରିମେଣ୍ଟକୁ ବାତିଲ କରାଯାଉ ନ ଥିବାରୁ ଧାନକଟା ପରେ ରିପୋର୍ଟ ସଂଗ୍ରହ କରି ଅନିୟମିତତା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଅନୁରୂପ ଅଭିଯୋଗ ଉଠିଥିଲା। ଏଣୁ ଧାଡ଼ିରେ ଧାନ ବୁଣା କାର୍ଯ୍ୟକ୍ରମରେ କୃଷି ବିଭାଗର ଦୁର୍ନୀତିର ଗୁମର ଖୋଲି ଯାଇଥିବାର ଏଗ୍ରିମେଣ୍ଟକୁ ବାତିଲ କରିବାକୁ ଚାଷୀମାନେ ଜିଲାପାଳଙ୍କୁ ଅନୁରୋଧ କରଥିଲେ । ଜିଲାପାଳ ଚାଷୀଙ୍କ ଅନୁରୋଧ ଓ ଧରିତ୍ରୀରେ ପ୍ରକାଶିତ ଖବରକୁ ଅନୁଧ୍ୟାନ କରି ସତ୍ୟାସତ୍ୟ ଉପଲବ୍ଧି ପରେ ଏନ୍‌ଜିଓଙ୍କ ସହ ଏଗ୍ରିମେଣ୍ଟକୁ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳ ଓ ଜିଲା ପରିଷଦ ସଭାପତିଙ୍କ ତ୍ୱରିତ ପଦକ୍ଷେପକୁ ଚାଷୀ ସ୍ୱାଗତ କରିଛନ୍ତି । ଏନେଇ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ କୁହନ୍ତି, ଧରିତ୍ରୀରେ ଶନିବାର ପ୍ରକାଶିତ ଖବର ମୋ ନଜରକୁ ଆସିଥିଲା । କୃଷି ଓ କୃଷକଙ୍କୁ ପ୍ରଶାସନ ଅଣଦେଖା କରି ପାରିବ ନାହିଁ । ଏଣୁ ଗୃହରେ ସମ୍ପୃକ୍ତ ପ୍ରସଙ୍ଗ ଉଠାଇ ଏଗ୍ରିମେଣ୍ଟକୁ ବାତିଲ କରାଯାଇଛି ବୋଲି କହିଛନ୍ତି ।

**ଧରିତ୍ରୀ ପ୍ରଭାବ**

# ଆମେ ଜାଣିବା, ଆମେ ଜିଣିବା

ଖଜୁରିପଡ଼ା,୧୬।୯(ବିଦୁର ବେହେରା)

ଆମେ ଜାଣିବା, ଆମେ ଜିଣିବା ଜନ ସଚେତନତା କାର୍ଯ୍ୟକ୍ରମ ଶନିବାର ଖଜୁରିପଡ଼ା ବ୍ଲକର ୫ଟି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଆଶ୍ରମ ବିଦ୍ୟାଳୟ ଗାଡ଼ିଆପଡ଼ାଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାହୁଙ୍କ ପରିଚାଳନାରେ ଏହି ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଛାତ୍ରୀଛାତ୍ରମାନେ ଅତିଥି ଓ ଅଭିଭାବକଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଜୁରିପଡ଼ା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଆରତି କୁମାରୀ ଦେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ସମ୍ମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗର ସୁପରଭାଉଜର କ୍ରୀଷ୍ଣା ପାଣ୍ଡା, ସହକାରୀ କୃଷି ଅଧିକାରିଣୀ ମମତା ମହାନ୍ତି, ସହକାରୀ ମତ୍ସ୍ୟ ବିଭାଗ ଅଧିକାରିଣୀ ଅରୁଶ୍ରୀ ଅର୍ପିତା ମିଶ୍ର, ଡିମିରିଖୋଲ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୁନୀଲ କୁମାର ଶାସ୍ତ୍ରୀ, ସହକାରୀ ଶିକ୍ଷୟିତ୍ରୀ ଆଶାରାଣୀ ମିଶ୍ର, ଦୀପ୍ତିଲତା ଗୌଡ଼ ଓ ଶିକ୍ଷକ ପୀତବାସ ପ୍ରଧାନ, ମେଟ୍ରନ ସୟନ୍ତା କହଁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶୀଳ ନାୟକ, ଯକ୍ରେଜୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମକିଶ୍ୱର ଦଳଛତ୍ର ଓ ସାମାଜିକକର୍ମୀ ବୈଦ୍ୟନାଥ ବେହେରା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତି ଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଗୁମ୍ମା-କାଶୀନଗର ବ୍ଲକ ସଂଯୋଗ ରାସ୍ତା ମରଣଯନ୍ତା



ଶୋଚନୀୟ ରାସ୍ତା ।

ଗୁମ୍ମା,୧୬।୯(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଅନ୍ତର୍ଗତ ବୃଷଭ ପଞ୍ଚାୟତ ଏବଂ କାଶିନଗର ବ୍ଲକ ସାରପତୀ ଗୁଡ଼ା ଗ୍ରାମକୁ ଯିବା ରାସ୍ତା ମରଣଯନ୍ତା ପାଲଟିଛି। ଗୁମ୍ମା ବ୍ଲକ ଓ କାଶିନଗର ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତାଟି ଜନସାଧାରଣଙ୍କ ପାଇଁ ବର୍ଷ ବର୍ଷ ଧରି ବହୁତ ବିପଦ ଜନକ ହୋଇ ରହିଛି। ତୀତଶ ଶବରଙ୍କ କହିବା ଅନୁଯାୟୀ, ଗୁମ୍ମା ବ୍ଲକର ବୃଷବ ପଞ୍ଚାୟତର ତିତିସିଂ ଯାଏ ପିଚୁ ରାସ୍ତା ହୋଇ ସାରିଛି କିନ୍ତୁ କାଶୀନଗର ବ୍ଲକ ଏରିଆକୁ ଥିବା ସରପତି ଗୁଡ଼ା ଗ୍ରାମକୁ ପିଚୁ ରାସ୍ତା ନ ହୋଇ ମାଟି ରାସ୍ତା ଥିବା ଯୋଗୁ ଟିକିଏ ବର୍ଷା ହେଲେ ଯିବା ଆସିବାରେ ବାଧା ସୃଷ୍ଟି ହୋଉଛି। ଏହି ରାସ୍ତା ବହୁତ କମ ସମୟରେ ଦୁଇଟି ବ୍ଲକର ଅନେକ ଗ୍ରାମକୁ ସଂଯୋଗ କରୁଥିବା ଯୋଗୁ ଜନସାଧାରଣ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଗମନାଗମନ କରନ୍ତି। ସରକାର ଯଦି ଏହି ରାସ୍ତାଟିକୁ ସମ୍ପୂର୍ଣ୍ଣ ପିଚୁ ରାସ୍ତା କରିଦିଅନ୍ତି ତେବେ ଚାରୋଟି ପଞ୍ଚାୟତ ବାସି ଗାଇବା, ବାଇଝାଲ, ପରିଡା ଓ ବୃଷଭ ଉପକୃତ ହେବେ ବଳି ସରପତି ଗୁଡ଼ା ଗ୍ରାମବାସି ବିଜୟ ଶବର ଓ ଲୋବାୟ ସବର କହିଛନ୍ତି।

# ଦାବି ନେଇ ପାଚିକା, ସହାୟିକା ସଂଘର ଧାରଣା

ବୁଗୁଡ଼ା,୧୬।୯(କାଳି ଚରଣ ଦାଶ)



ପାଚିକା ଓ ସହାୟିକା ସଂଘର କର୍ମକର୍ତ୍ତା ଧାରଣା ଦେଇଛନ୍ତି।

ବୁଗୁଡ଼ା ବ୍ଲକ ପାଚିକା ଓ ସହାୟିକା ସଂଘ ପକ୍ଷରୁ ୧୩ ଦଫା ଦାବି ପୂରଣ ନେଇ ଶନିବାର ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିଖିଳ ଓଡିଶା ଏମଡିଏମ ପାଚିକା ଓ ସହାୟିକା ସଂଘର ଆହ୍ୱାନ କ୍ରମେ ଜିଲା ସଭାପତି ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ବୁଗୁଡ଼ା ବ୍ଲକ ସଂଘ ସଭାନେତ୍ରୀ ରୁନୁ ବେହେରା, ସମ୍ପାଦିକା ସୁନିତା ଦୋରା ଓ କୋଷାଧ୍ୟକ୍ଷା ମଞ୍ଜୁଳା ପରିଡ଼ାଙ୍କ ସମେତ ଶତାଧିକ ସଦସ୍ୟା ବୁଗୁଡ଼ା ବଳଦେବ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବିଇଓ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କୁ ସର୍ବ ନିମ୍ନ ମଜୁରୀ ପ୍ରଦାନ, ନିର୍ଦ୍ଦିଷ୍ଟ ତାରିଖରେ ପ୍ରାପ୍ୟ ପ୍ରଦାନ, ଦୁର୍ଘଟଣା ଜନିତ କ୍ଷତିପୂରଣ, ସାମାଜିକ ସୁରକ୍ଷା ସହ ପରିଚୟ ପତ୍ର ପ୍ରଦାନ, ସ୍ୱାସ୍ଥ୍ୟ ବୀମା ଆଦି ୧୩ ଦଫା ସମ୍ବଳିତ ଦାବୀ ପତ୍ର ବିଇଓ ଚିନ୍ମୟ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଏ ଅବସରରେ ଧାରଣା ସ୍ଥଳରେ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକ ପହଞ୍ଚି ପାଚିକା ଓ ସହାୟିକାଙ୍କ ଦାବିଗୁଡିକୁ ଯୁକ୍ତିଯୁକ୍ତ ଦର୍ଶାଇ ଏଗୁଡିକ ତୁରନ୍ତ ପୂରଣ କରିବା ପାଇଁ ସମର୍ଥନ କରିଥିଲେ।

### ବେଲଗୁଣ୍ଠା ବିଜ୍ଞାନ ମହାବିଦ୍ୟାଳୟରେ ପାଠଚକ୍ର

ବେଲଗୁଣ୍ଠା,୧୬।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହା ବିଦ୍ୟାଳୟରେ ଶନିବାର ଓଡ଼ିଆ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ଗୁରୁମୂର୍ତ୍ତୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଓଡ଼ିଆ ବିଭାଗ ଅଧ୍ୟାପକ ସପନ କୁମାର ପ୍ରଧାନ, ଅଶୋକ କୁମାର ସ୍ୱାଇଁ, ଅଜୟ କୁମାର ବିଶ୍ୱାଳ, ଅଶୋକ କୁମାର ପ୍ରଧାନ, ବିଶ୍ୱରଞ୍ଜନ ସ୍ୱାଇଁ, ଅଧ୍ୟାପିକା ପିଙ୍କି ପାତ୍ର, ଖବରଦାତା ଶିବରାମ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ଲିଜାରାଣୀ ଖଣ୍ଡୁଆଳ କବିବର ରାଧାନାଥ ରାୟଙ୍କ କାବ୍ୟକୃତି ଏକ ଅଧ୍ୟୟନ ସନ୍ଦର୍ଭ ପାଠ କରିଥିଲେ। ବହୁ ଛାତ୍ରୀଛାତ୍ର ତର୍କ ବିତର୍କ ମାଧ୍ୟମରେ କବିବର ରାଧାନାଥ ରାୟଙ୍କ କାବ୍ୟକୃତିର ବିଶେଷ ଆଲୋଚନା କରିଥିଲେ।

### ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବାଲିଗୁଡା,୧୬।୯(ସଞ୍ଜୟ ପାଣିଗ୍ରାହୀ): ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଜିଲା ବିଦ୍ୟାଳୟ କ୍ରୀଡା ସଂଘ ଆନୁକୂଲ୍ୟରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତମାନର କ୍ରୀଡା ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ବାଲିଗୁଡା ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିରୁପମା ଦୋରା, ଉପଖଣ୍ଡ କ୍ରୀଡା ସଂଘର ସମ୍ପାଦକ ତଥା ଅଧ୍ୟାପକ ଡ. ସୁଶାନ୍ତ କୁମାର ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ଶାରୀରିକ ଶିକ୍ଷା ନିରୀକ୍ଷକ ରଙ୍କନିଧି ବେହେରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସଂଜୟ କୁମାର ପାତ୍ର, ଗଙ୍ଗାଧର ପାତ୍ର, ବାଲିଗୁଡା ଗୋଷ୍ଠୀ ବିଦ୍ୟାଳୟ ସମ୍ପାଦକ ଦେବବ୍ରତ ସିଂଦେଓ ପ୍ରମୁଖ ମଞ୍ଚାସୀନ ଥିଲେ।

# ଶବ୍ଦ ସୁରଭି ଉପେନ୍ଦ୍ର ଭଞ୍ଜ ବିଶେଷାଙ୍କ ଉନ୍ମୋଚିତ

ଭଞ୍ଜନଗର,୧୬।୯(ବାବୁଲା ପ୍ରଧାନ)



ଉନ୍ମୋଚିତ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

ଗବେଷଣା ମୂଳକ ତ୍ରୈମାସିକ ପ୍ରବନ୍ଧ ପତ୍ରିକା ଶବ୍ଦ ସୁରଭିର ପଞ୍ଚମ ସଂଖ୍ୟା ଶନିବାର ଉନ୍ମୋଚିତ ହୋଇଯାଇଛି। କୁଲାଡ଼ ବ୍ୟାଘ୍ର ଦେବୀ ପୀଠରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ସୋମନାଥ ନାୟକ ଏହାକୁ ଉନ୍ମୋଚିତ କରିଥିଲେ। ସମ୍ପାଦକ ଡା ବାୟାମନୁ ଚର୍ଚ୍ଚି ପତ୍ରିକାର ବୈଶିଷ୍ଟ୍ୟ ସମ୍ପର୍କରେ କହିଥିଲେ। ଉନ୍ମୋଚନ ଉତ୍ସବରେ କି ପ୍ରଶାନ୍ତ ମହାନ୍ତି, ସାହିତ୍ୟିକ ମନୁ ନନ୍ଦ ପତି, ଆଇନଜୀବୀ ଗୋପାଳ କୃଷ୍ଣ ବିଷୋୟୀ, ଶିକ୍ଷାବିତ ନଗେନ୍ଦ୍ର ନାୟକ, ହରିକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ବାଗଦେବୀ ଯୁବ ସଂଘ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# କାର୍ଯ୍ୟରେ ଯୋଗଦେଲେ ଏକ୍ସକ୍ୟାଡର, ଗଣଶିକ୍ଷକ

ମୋହନା,୧୬।୯(ମନ୍ମଥ ମିଶ୍ର)

ଗତ ୪ ଦିନ ଧାରଣାରେ ବସିବା ପରେ ଆନ୍ଦୋଳନରୁ ଓହରିଛନ୍ତି ଏକ୍ସ କ୍ୟାଡ଼ର ଓ ଗଣ ଶିକ୍ଷକ। ଶନିବାର ସାମୁହିକ ଭାବେ କାର୍ଯ୍ୟରେ ଯୋଗଦେବା ପାଇଁ ମୋହନା ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦେଇଥିବା ସଭାପତି ଦିବାକର ନାୟକ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ବେହେରା ଓ ସଂପାଦକ କେଶବ ବେହେରଦଳାଇ, ସଚିବ ଜଗନ୍ନାଥ ସାହୁ, ଉପ ସଚିବ ଆଦିକାନ୍ତ ନାୟକ, ସହ ସମ୍ପାଦକ ରାଜୁ ମଲିକ, କୋଷାଧ୍ୟକ୍ଷ କହିଛନ୍ତି। ଗତ ୪୫ ଦିନ ହେଲା ଭୁବନେଶ୍ୱରରେ ଆନ୍ଦୋଳନ ଜାରି ରହିଛି। ସରକାରଙ୍କ ପ୍ରତିଶ୍ରୁତି ପାଳନ କରିବା ଅନୁରୋଧରେ ରାଜ୍ୟ ସଂଘ ନିର୍ଦ୍ଦେଶରେ ସମୂହ ଛୁଟିକୁ ବର୍ଜନ କରି କାର୍ଯ୍ୟରେ ଯୋଗଦେଇଥିବା ସଭାପତି କହିଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

ପୁରୁଷୋତ୍ତମପୁର,୧୬।୯ (ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ତାରାତାରିଣୀ କଲେଜ ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର କୁମାର ବେହେରାଙ୍କ ସଂଯୋଜନାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କ୍ରୀଡ଼ାର ମହତ୍ତ୍ୱ ଓ ଶରୀର ଲାଗି ତାହାର ଆବଶ୍ୟକତା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ଆସିକା ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ନାୟକ, ତାରାତାରିଣୀ କଲେଜର ଅଧ୍ୟକ୍ଷ ଡ. ସୀମାଞ୍ଚଳ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ବ୍ଲକର ୨୬ ବିଦ୍ୟାଳୟର ୧୮୪ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ଏହାକୁ ପରିଚାଳନା ଲାଗି ୧୯ ଜଣ କ୍ରୀଡ଼ା ଶିକ୍ଷକ ନିୟୋଜିତ ଅଛନ୍ତି। ଏହା ଦୁଇ ଦିନଧରି ଚାଲିବ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ

ଫୁଲବାଣୀ, ୧୬।୯(ରାକେଶ କୁମାର ରାଉତ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ବାଲିଗୁଡା ଏନ୍‌ଏସି ଓ ୩ଟି ବ୍ଲକର ନିର୍ମାଣ ଶ୍ରମିକ ମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ବାଲିଗୁଡାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସହାୟତା ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡା ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ନିଶାବତୀ ମଲ୍ଲିକ, ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୨୮୦ ଜଣ ନିର୍ମାଣ ଶ୍ରମିକଙ୍କୁ ମୋଟ ୯୧,୩୯,୨୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ସେଥିରୁ ୧୫୮ ହିତାଧିକାରୀଙ୍କୁ ପିଲାଙ୍କ ଶିକ୍ଷା ସହାୟତା ବାବଦରେ ୮,୫୪,୨୦୦ ଟଙ୍କା, ୬୫ ଜଣଙ୍କୁ ବିବାହ ସହାୟତା ବାବଦରେ ୨୯ ଲକ୍ଷ ଟଙ୍କା, ୭ ଜଣଙ୍କୁ ପ୍ରସୂତୀ କାଳୀନ ସହାୟତା ବାବଦରେ ୭୦ ହଜାର ଟଙ୍କା, ୨୭ ଶ୍ରମ କାର୍ଡଧାରୀ ପରିବାରକୁ ମୃତ୍ୟୁ କାଳୀନ ସହାୟତା ବାବଦରେ ୫୨ ଲକ୍ଷ ଟଙ୍କା ଏବଂ ୨୩ ଜଣଙ୍କ ପରିବାରକୁ ଅନ୍ତ୍ୟେଷ୍ଟି କାର୍ଯ୍ୟ ସହାୟତା ପାଇଁ ୧ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ୧୫୦ ଜଣଙ୍କୁ ନୂତନ ଶ୍ରମ କାର୍ଡ ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ତେଜ କୁମାର ବାଗେ, ସହକାରୀ ଶ୍ରମ ଅଧିକାରୀ କେଶବ ବେହେରା ଓ ସୁନୀତା କୁମାରୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

କବିସୂର୍ଯ୍ୟନଗର, ୧୬।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲ ଠାରେ ୧୪ ଓ ୧୭ରୁ କମ୍ ବୟସ ବାଳିକାବାଳକଙ୍କ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କ୍ରୀଡ଼ା ପତାକା ଉତ୍ତୋଳନ କରି ଖେଳର ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ମଧ୍ୟରେ କବିସୂର୍ଯ୍ୟନଗର ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ବିଇଓ ଅଭିମନ୍ୟୁ ସାହୁ, ଏବିଇଓ ରବିନାରାୟଣ ବେହେରା, ମାଧବ ମାଝୀ, ଲକ୍ଷ୍ମଣ ଜେନା, ମର୍ଦ୍ଦରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ପଣ୍ଡା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବାଳିକାବାଳକ ଦୁଇ ବର୍ଗର କବାଡ଼ି, ଖୋଖୋ, ଦୌଡ଼ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍କୁଲର କ୍ରୀଡ଼ା ଶିକ୍ଷକ, ମର୍ଦ୍ଦରାଜ ହାଇସ୍କୁଲ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ବିବାହ ସରକାରୀ ସହାୟତାରୁ ବଞ୍ଚିତ ହିତାଧିକାରୀ

ଖଜୁରୀପଡ଼ା,୧୬।୯(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ପ୍ରଶାସନର ଭୁଲ ପାଇଁ ଜଣେ ନବ ବିବାହିତ ପରିବାର ସରକାରଙ୍କ ଶ୍ରମିକ କଲ୍ୟାଣ ବୋର୍ଡରୁ ବିବାହ ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଅରପାଜୁ ଗ୍ରାମପଞ୍ଚାୟତ ସରାବୁଡ଼ ଗ୍ରାମର ସୁଶାନ୍ତ ବେହେରା ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ, ସେ ଦଳପଡା ଗ୍ରାମର ସହେନ୍ଦ୍ରୀ ବେହେରାଙ୍କୁ ବିବାହ କରିବା ସହ ବିବାହ ପ୍ରମାଣପତ୍ର ପାଇଁ ଖଜୁରିପଡ଼ା ତତ୍କାଳୀନ ଅତିରିକ୍ତ ବିଡିଓ ସଲିଲ କୁମାର ଦାସଙ୍କ ପାଖରେ ଆବେଦନ କରିଥିଲେ। କିନ୍ତୁ ଆବେଦନ ବେଳେ ସମସ୍ତ ପ୍ରମାଣପତ୍ର ସୁଶାନ୍ତ ଦେଇଥିବା ବେଳେ ସେସବୁ ପ୍ରମାଣପତ୍ର ମଧ୍ୟ ଠିକ ରହିଥିଲା। ପରବର୍ତ୍ତୀ ସମୟରେ ସୁଶାନ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ ପରେ ସୁଶାନ୍ତ ଫୁଲବାଣୀ ଯାଇ ଶ୍ରମିକ କଲ୍ୟାଣ ବିଭାଗରେ ସରକାରୀ ସହାୟତା ପାଇଁ ଆବେଦନ ବେଳେ ତାଙ୍କର ପ୍ରମାଣପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ବିବାହ ସାର୍ଟିଫିକେଟରେ ସୁଶାନ୍ତଙ୍କ ସ୍ତ୍ରୀ ଶହେନ୍ଦ୍ରୀ ବେହେରା ବଦଳରେ ମହେନ୍ଦ୍ରୀ ବେହେରା ହୋଇଥିବା କାରଣରୁ ତାଙ୍କର ଆବେଦନ ଅଗ୍ରାହ୍ୟ ହୋଇଥିଲା ବୋଲି ଶ୍ରମିକ କଲ୍ୟାଣ ବିଭାଗ ତରଫରୁ ସୂଚନା ଦେବା ପରେ ପୁଣି ପ୍ରମାଣପତ୍ର ସଂଶୋଧନ ପାଇଁ ବ୍ଲକ କାର୍ଯ୍ୟାଳୟକୁ ସୁଶାନ୍ତ ଆସିଥିଲେ। ହେଲେ ନିରାଶ ହୋଇଛନ୍ତି। ସାର୍ଟିଫିକେଟ କରିଥିବା ତତ୍କାଳୀନ ଅତିରିକ୍ତ ବିଡ଼ିଓ ଜଣକ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ବର୍ତ୍ତମାନ ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୋନମ ବେହେରା ସୁଶାନ୍ତଙ୍କୁ ସେ ପ୍ରମାଣପତ୍ର ଠିକ କରିପାରିବେ ନାହିଁ ବୋଲି କହିବା ସହ ଯିଏ ଭୁଲ କରିଛି ସେ ଠିକ କରିବେ ବୋଲି କହିଥିଲେ। ହେଲେ ତତ୍କାଳୀନ ବିଡିଓ ଜଣକ ପୁରୀ ଜିଲାକୁ ବଦଳି ହୋଇଥିବା ବେଳେ କିଭଳି ଭାବେ ଜଣେ ହିତାଧିକାରୀ ପୁରୀକୁ ଯାଇ ତାହା ଠିକ କରିବ? ବିବାହ ସାର୍ଟିଫିକେଟରେ ସ୍ତ୍ରୀର ନାମ ତ୍ରୁଟି ପରିଲକ୍ଷିତ ହେବାରୁ ସଂଶୋଧନ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିବା ସୁଶାନ୍ତ କହିଛନ୍ତି। ଏ ନେଇ ବିଡ଼ିଓ ଅନୁପମା ଘୋଷଙ୍କୁ ଅଭିଯୋଗ କରିବାକୁ ଗଲାବେଳେ ସେ ମଧ ଅନୁପସ୍ଥିତ ଥିବା ସୁଶାନ୍ତ କହିଛନ୍ତି। ଏ ନେଇ ଜିପିଓ ସୋନମ୍ ବେହେରାଙ୍କୁ ପଚାରିବାରୁ ସୁଶାନ୍ତଙ୍କ ସ୍ତ୍ରୀଙ୍କ ବିବାହ ସାର୍ଟିଫିକେଟରେ ନାମ ତ୍ରୁଟି ରହିଛି ତାକୁ ତତ୍କାଳୀନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଲିଳ ଦାସ କରିଛନ୍ତି। ତେଣୁ ତାଙ୍କ ପାଖକୁ କୋରିଅର କରି ପଠେଇଲେ ସେ ସଂଶୋଧନ କରିବେ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ବୈଜୟନ୍ତୀ ବରୀ ବ୍ଲକ ମହିଳା ବିଜେଡି ସଭାନେତ୍ରୀ



**ବରୀ,୧୬।୯(ମହେନ୍ଦ୍ର ସ୍ୱାଇଁ)**

ଯାଜପୁର ଜିଲା ବରୀ ବ୍ଲକ ମହିଳା ସଭାନେତ୍ରୀ ଭାବେ ଜ୍ୟୋସ୍ନାରାଣୀ ନାଥ ଦୀର୍ଘ ଦିନ ଧରି ଦାୟିତ୍ୱରେ ଥିଲେ। ହେଲେ ଏଥର ତାଙ୍କୁ ପରିବର୍ତ୍ତନ କରାଯାଇଛି । ବୈଜୟନ୍ତୀ ମିଶ୍ରଙ୍କୁ ମହିଳା ବିଜେଡି ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ମିଶ୍ର ଆଗାମୀ ଦିନରେ ବିଜୁ ଜନତା ଦଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା ଲୋକଙ୍କ ପାଖରେ ପହଞ୍ଚାଇବା ଓ ମହିଳାମାନଙ୍କ ସ୍ୱାର୍ଥ ପ୍ରତି ସବୁ ଦିଗରୁ ଉଦ୍ୟମ ଜାରି ରଖିବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ମତେ ଏଭଳି ପଦବୀ ମିଳିବା ଯୋଗୁ ମୁଁ ଅତ୍ୟନ୍ତ ଆନନ୍ଦିତ ଓ ଏଥିପାଇଁ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ସେ ମୁଁ କୃତଜ୍ଞତା ଜଣାଇଛନ୍ତି। ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ,ସରପଞ୍ଚ ଚପଳା ମଲ୍ଲ, ରଶ୍ମିତା ପରିଡା, ସସ୍ମିତା କୁଣ୍ଡୁ, ଜଗଦୀଶ ଜେନା,ସମିତି ସଭ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସୁଧାଂଶୁବାଳା ସାମଲ ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି ।

### ଜାରକାରେ ଗଣେଶ ପୂଜା ପାଇଁ ପ୍ରସ୍ତୁତି

**ଧର୍ମଶାଳା,୧୬।୯(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାରକାଠାରେ ଗଣେଶ ପୂଜା କମିଟି ପକ୍ଷରୁ ୪୨ତମ ଶ୍ରୀଗଣେଶ ମହାପ୍ରଭୁଙ୍କ ପୂଜା ଆସନ୍ତା ୧୯ ତାରିଖଠାରୁ ଆରମ୍ଭ ହେବ । ୧୯ ତାରିଖ ସକାଳ ୧୦ ଘଟିକାରେ ଗଜାନନଙ୍କ ଯଥାବିଧି ପୂଜା ଆରମ୍ଭ କରାଯିବ । ପୂଜା ଆରମ୍ଭ ଦିନଠାରୁ ୬ ଦିନ ବ୍ୟାପୀ ପ୍ରତ୍ୟହ ସନ୍ଧ୍ୟାରେ ବାଦୀପାଲା ଅନୁଷ୍ଠିତ ହେବ। ଗାୟିକା ଉର୍ମିଳା ସାହୁ ଓ ବାସନ୍ତୀ ବେହେରା ଏବଂ ତାଙ୍କ ସାଥୀମାନଙ୍କ ଦ୍ୱାରା ୧୯ ତାରିଖରୁ ୨୧ ତାରିଖ ଯାଏ, ୨୨ରୁ ୨୪ ତାରିଖ ଯାଏ ଗାୟିକା କାଦମ୍ବରୀ ସ୍ୱାଇଁ ଓ ଗାୟିକା ଗୀତାଞ୍ଜଳି ବେହୁରା ଓ ସାଥୀମାନେ ବାଦୀପାଲା ପରିବେଷଣ କରିବେ । ୨୫ରେ କଟକର ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯିବ । ୨୬ରେ ଭୁବନେଶ୍ୱରର ଡ୍ୟାନ୍ସ ଧମାକା ଓ ୨୭ରେ ଭୁବନେଶ୍ୱର କଳାକାରମାନେ ନୃତ୍ୟ ପରିବେଷଣ କରିବେ । ଆସନ୍ତା ୨୮ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଗଣେଶ ପୂଜା କମିଟି ସଭାପତି କୁଳମଣି ରାଉତ ଓ ସମ୍ପାଦକ ସ୍ୱୟଂସିଦ୍ଧ ମହାନ୍ତି ସୂଚନା ଦେଇଛନ୍ତି ।

# ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବାକୁ ନେଇ ଦ୍ୱନ୍ଦ୍ୱ

- ବ୍ୟାଙ୍କର କାର୍ଯ୍ୟଧାରାକୁ ନେଇ ସଂଶୟ
- ନିୟମାବଳୀ ଜାଣିନାହାନ୍ତି ଜନପ୍ରତିନିଧି

**ରସୁଲପୁର,୧୬।୯(ରଞ୍ଜିତ ରାଉତ)**

ପ୍ରତି ପଞ୍ଚାୟତରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ହେବ । ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଯାଜପୁର ଜିଲା ରସୁଲପୁର ବ୍ଲକର ୧୪ ପଞ୍ଚାୟତରେ ବ୍ୟାଙ୍କ ଖୋଲିବା ନେଇ ଭିତ୍ତିଭୂମି ସଜାଡିବା ଉପରେ ଗୁରୁତ୍ୱ ଦିଆଯାଉଛି। ପଞ୍ଚାୟତର ସରପଞ୍ଚମାନେ ବ୍ୟାଙ୍କ ଆଉଟଲେଟ୍ ଖୋଲିବା ନେଇ ଘର ଯୋଗାଇ ଦେଇଛନ୍ତି । ତେବେ ପଞ୍ଚାୟତରେ ଯେଉଁ ବ୍ୟାଙ୍କର ଶାଖା ଖୋଲିବ ତା'ର କାର୍ଯ୍ୟାଧାରା କ'ଣ ହେବ ସେ ନେଇ କାହାରିକୁ କିଛି ଜଣା ନାହିଁ । ଏବେ ବି ବ୍ୟାଙ୍କ ଶାଖାର ନିୟମାବଳୀ ସମ୍ପର୍କରେ ଅବଗତ ନାହାନ୍ତି ଜନପ୍ରତିନିଧି ଓ ଜନସାଧାରଣ। ଏଭଳି ସ୍ଥିତିରେ ପଞ୍ଚାୟତରେ ଯେଉଁ ବ୍ୟାଙ୍କ ଖୋଲିବ ସେ ବ୍ୟାଙ୍କ ଶାଖା ଜନସାଧାରଣଙ୍କୁ କିଭଳି ସେବା ଯୋଗାଇ ଦେବ ସେନେଇ କୌଣସି ସୂଚନା ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ବ୍ୟାଙ୍କର୍ସମାନଙ୍କ ପାଖରେ ପହଞ୍ଚି ନାହିଁ । ଏ ସଂକ୍ରାନ୍ତରେ କୌଣସି ଗାଇଡ୍‌ଲାଇନ ଜାରି କରାଯାଇ ନାହିଁ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପଞ୍ଚାୟତର ବ୍ୟାଙ୍କ ଶାଖାଗୁଡିକୁ ପରିଚାଳନା କରିବା ପାଇଁ ଯେଉଁ ନିୟମାବଳୀ ଘୋଷଣା କରାଯିବ ତାକୁ ଅନୁପାଳନ କରାଯାଇ ବ୍ୟାଙ୍କ ଚାଲୁ କରାଯିବ ବୋଲି ବ୍ୟାଙ୍କର୍ସମାନଙ୍କ ପକ୍ଷରୁ ସୂଚନା ମିଳିଛି ।

ଆସନ୍ତା ଅକ୍ଟୋବର ୨ରେ ସମଗ୍ର ରାଜ୍ୟର ବ୍ୟାଙ୍କ ନ ଥିବା ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ନୂତନ ବ୍ୟାଙ୍କ ଶାଖା ଲୋକାର୍ପଣ କରାଯିବ ବୋଲି ଘୋଷଣା କରାଯାଇଛି । ବ୍ୟାଙ୍କିଙ୍ଗ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାରଙ୍କ ଏଭଳି ପ୍ରୟାସ ବୋଲି କୁହାଯାଉଥିଲେ ମଧ୍ୟ ଆରମ୍ଭରୁ ଦ୍ୱନ୍ଦ୍ୱ ଦେଖାଦେଇଛି । ବ୍ୟାଙ୍କ ସ୍ଥିତି ସମ୍ପର୍କରେ ଅବଗତ ନ କରାଇ ବ୍ୟାଙ୍କ ଖୋଲିବାକୁ ପଦକ୍ଷେପ ନିଆଯିବା ଘଟଣାକୁ ପଞ୍ଚାୟତର ପ୍ରତିନିଧିମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେଲେ ମଧ୍ୟ ବ୍ୟାଙ୍କର କାର୍ଯ୍ୟାଧାରାକୁ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟ କରିବାକୁ ଦାବି ହେଉଛି। ଏହି କ୍ରମରେ ଦେଖିଲେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ), ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ୟୁନିୟନ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଭଳି ୬ ରାଷ୍ଟ୍ରୟାତ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ନ ଥିବା ପଞ୍ଚାୟତରେ ଶାଖା ଖୋଲାଯିବ । ଏହି ଶାଖାର କଳେବର ସିଏସ୍‌ପି (କଷ୍ଟମର ସର୍ଭିସ୍ ପଏଣ୍ଟ) ପ୍ଲସ୍, ମିନି ବ୍ୟାଙ୍କ ଶାଖା, ନିୟମିତ ବ୍ୟାଙ୍କ ଶାଖା ଭଳି ହେବ ବୋଲି ଚର୍ଚ୍ଚା ହେଉଛି । ଏଥିପୂର୍ବରୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ତରଫରୁ ପଞ୍ଚାୟତରେ ସିଏସ୍‌ପି କେନ୍ଦ୍ର ଖୋଲାଯାଇଛି। ସେଠାରେ ବ୍ୟାଙ୍କିଂ ସେବା ମିଳିବା ତ ଦୂରର କଥା ସେ ସବୁ କେନ୍ଦ୍ରରେ ଗ୍ରାହକମାନେ ଠକାମିର ଶିକାର ହେଉଥିବା ଅଭିଯୋଗ ହେଉଛି । ତେଣେ ବ୍ୟାଙ୍କ ଶାଖା ବଦଳରେ ସିଏସ୍‌ପି ପ୍ଲସ୍ କେନ୍ଦ୍ର ଖୋଲିବ ବୋଲି ଜାଣି ପଞ୍ଚାୟତର ସରପଞ୍ଚମାନେ ଏଥିପାଇଁ ଘର ଯୋଗାଇ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ସରପଞ୍ଚମାନଙ୍କ ଯୁକ୍ତିହେଲା ପୂର୍ବରୁ ପଞ୍ଚାୟତରେ ସିଏସ୍‌ପି କେନ୍ଦ୍ର ଥାଇ ଲୋକମାନଙ୍କୁ ବ୍ୟାଙ୍କ ସେବା ମିଳିପାରୁ ନାହିଁ। ସିଏସ୍‌ପି ପ୍ଲସ୍ ଆଉ ଅଧିକ କ'ଣ ସେବା ଦେବ ଯେ ସେମାନେ ବ୍ୟାଙ୍କ ଖୋଲିବାକୁ ଗୃହ ଯୋଗାଇ ଦେବେ ବୋଲି ସରପଞ୍ଚମାନେ ପ୍ରଶ୍ନ କରିଛନ୍ତି। ପଞ୍ଚାୟତରେ ଖୋଲିବାକୁ ଥିବା ପ୍ରସ୍ତାବିତ ବ୍ୟାଙ୍କ ଶାଖାରୁ କେଉଁ ପ୍ରକାର ସେବା ମିଳିବ, ପଞ୍ଚାୟତରେ ବ୍ୟାଙ୍କ ନ ଥିବାରୁ କ'ଣ ଅସୁବିଧା ହେଉଛି। ସବୁ ବର୍ଗର ଲୋକଙ୍କୁ ବ୍ୟାଙ୍କ ସେବା ଉପଲବ୍ଧ ହେବ କି ନାହିଁ ତା'ଉପରେ ସରକାର ପ୍ରଥମେ ସ୍ପଷ୍ଟ କରନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି ।

ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲିବାକୁ ନେଇ ସରପଞ୍ଚ ସର୍ବେଶ୍ୱର ସାହୁଙ୍କୁ ପଚାରିବାରୁ ସିଏସ୍‌ପି କେନ୍ଦ୍ରରେ ଜଣେ ଜମାଖାତାଧାରୀ ସର୍ବାଧିକ ୧୦ହଜାର ଟଙ୍କା ଉଠାଣ କରିପାରିବେ। ତେବେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଜମାଖାତାକୁ ପ୍ରଥମ କିସ୍ତିରେ ୪୦ହଜାର ଓ ଦ୍ୱିତୀୟ କିସ୍ତିରେ ୬୫ହଜାର ଲେଖାଏ ଟଙ୍କା ଯାଉଛି। ତେବେ ଖୋଲିବାକୁ ଥିବା ବ୍ୟାଙ୍କ ଶାଖାରୁ କେତେ ଟଙ୍କା ଉଠିପାରିବ ଓ କେଉଁ ସୁବିଧା ଉପଲବ୍ଧ ହେବ ସେ ନେଇ ପ୍ରଥମେ ପ୍ରତିନିଧିମାନଙ୍କୁ ସଚେତନ କରାଇବା ଉଚିତ ବୋଲି କହିଛନ୍ତି । ଏ ନେଇ ଏସ୍‌ବିଆଇ,କୁଆଖିଆ ଶାଖାର ପରିଚାଳିକା ଅନ୍ନଦା ସାହୁଙ୍କୁ ପଚାରିବାରୁ ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲିବାକୁ ନେଇ ସୂଚନା ରହିଛି । ତେବେ ବ୍ୟାଙ୍କର କାର୍ଯ୍ୟଧାରା କ'ଣ ହେବ ସେ ନେଇ ସେମାନଙ୍କ ନିକଟକୁ କୌଣସି ନିୟମାବଳୀ ଆସିନାହିଁ । ଏବେ ବ୍ୟାଙ୍କ ଖୋଲିବା ପାଇଁ ପ୍ରସ୍ତାବିତ ପଞ୍ଚାୟତରୁ ଦିଆଯାଇଥିବା ଘରର ଚାବିକାଠି ବ୍ୟାଙ୍କ ଶାଖାରେ ଦାଖଲ କରିବାକୁ କୁହାଯାଇଛି। ଏଯାଏ ବ୍ଲକରୁ କୌଣସି ପଞ୍ଚାୟତର ଚାବି ତାଙ୍କ ପାଖରେ ପହଞ୍ଚି ନାହିଁ ବୋଲି ସେ ସୂଚନା ଦେଇଛନ୍ତି । ରସୁଲପୁର ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କ ମତରେ, ବ୍ୟାଙ୍କ ଖୋଲିବା ପାଇଁ ପଞ୍ଚାୟତରୁ ଭିତ୍ତିଭୂମି ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହାଛଡା ଆଉ ଅନ୍ୟ କୌଣସି ବିଷୟରେ ସେମାନେ ଅବଗତି ନାହାନ୍ତି ବୋଲି କହିଛନ୍ତି ।



ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଓଜୋନସ୍ତର ସଂରକ୍ଷଣ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

## ଅନ୍ତର୍ଜାତୀୟ ଓଜୋନସ୍ତର ସଂରକ୍ଷଣ ଦିବସ ପାଳିତ

**କଳିଙ୍ଗନଗର,୧୬।୯(ଶୁଭାଶିଷ ରାଉତ)**

ଟାଟା ଷ୍ଟିଲ ପକ୍ଷରୁ ଯାଜପୁର ଜିଲା କଳିଙ୍ଗନଗରସ୍ଥିତ କାରଖାନା ପରିସର ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଅନ୍ତର୍ଜାତୀୟ ଓଜୋନସ୍ତର ସଂରକ୍ଷଣ ଦିବସ ଶନିବାର ପାଳିତ ହୋଇଯାଇଛି । ଏହା ଅନ୍ତର୍ଜାତୀୟ ଓଜୋନସ୍ତର ସଂରକ୍ଷଣ ଦିବସ ୨୦୨୩ ପାଇଁ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ(ୟୁଏନଇପି)ଦ୍ୱାରା ଘୋଷଣା କରାଯାଇଥିବା ଆଲୋଚନା ବିଷୟବସ୍ତୁ ହେଉଛି 'ଓଜୋନସ୍ତରକୁ ସୁଧାରିବା ଏବଂ ଜଳବାୟୁ ପରିବର୍ତ୍ତନ ହ୍ରାସ କରିବା' । ଟାଟା ଷ୍ଟିଲ କଳିଙ୍ଗନଗରର ପରିବେଶ ବିଭାଗ ପକ୍ଷରୁ ଯଖପୁରା ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଚାରା ରୋପଣ, ଓଜୋନସ୍ତରର ଗୁରୁତ୍ୱ, ୟୁଭି ବିକିରଣ, ଓଜୋନ କ୍ଷୟକାରୀ ପଦାର୍ଥ ଏବଂ ମଣିଷ ଓ ପଶୁମାନଙ୍କ ଉପରେ ଓଜୋନସ୍ତର କ୍ଷୟର ପ୍ରଭାବ ସମେତ ସଷ୍ଟେନାବିଲିଟିର ବିଭିନ୍ନ ଦିଗ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଧିବେଶନର ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଟ୍ କୁଇଜ୍ ଓ ବିତର୍କ ପ୍ରତିଯୋଗିତାର ଆୟୋଜନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ଲାଣ୍ଟ ପରିସରରେ କର୍ମଚାରୀ ଓ ଠିକା କର୍ମଚାରୀଙ୍କ ମଧ୍ୟରେ ଏହାକୁ ନେଇ ଏକ ସଚେତନତା ଅଧିବେଶନ କରାଯାଇଥିଲା। ଶେଷରେ ୨ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା।

## ଖବରଦାତା ପ୍ରଦୀପ୍ତ ପରିଡାଙ୍କ ବିୟୋଗରେ ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ ଶୋକ

**ଧର୍ମଶାଳା,୧୬।୯ (ବଟକୃଷ୍ଣ ପରିଡା ):**

ବରିଷ୍ଠ ଖବରଦାତା ତଥା ଚଣ୍ଡିଖୋଲ ପ୍ରେସ କ୍ଲବର ସଭାପତି ପ୍ରଦୀପ୍ତ କୁମାର ପରିଡ଼ାଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ଏହି ଖବର ଜଣାପଡିବା ପରେ ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା ଓ ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଗୁଲାମ ଗସ ଓ ସୀତାକାନ୍ତ ସାମଲ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ସହ ସମ୍ପାଦକ ମାନସ ରଞ୍ଜନ ଜେନା, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି ପ୍ରମୁଖ ସ୍ୱର୍ଗତ ପରିଡ଼ାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ପରିଡା ଏକାଧାରରେ ଜଣେ ସାମ୍ବାଦିକ, ସାହିତ୍ୟିକ, ଆଇନଜୀବୀ ସହ ବିଭିନ୍ନ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଥିଲେ ବୋଲି କହିବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ।

## ଏମ୍‌ଡିଏନ୍ ସ୍କୁଲରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ




ପ୍ରତିଭା ସମ୍ମାନ ଉତ୍ସବରେ ମଞ୍ଚାସୀନ ଅତିଥି ।

**ସିଂହପୁର,୧୬।୯ (ଅନଙ୍ଗଉଦୟ ବେଉରିଆ)**

ବିଂଝାରପୁର ବ୍ଲକ ସିଂହପୁର ଏମ୍‌ଡିଏନ ପବ୍ଲିକ ସ୍କୁଲ ପରିସରରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସିଆନ ବଡି ବିଲଡର ଅମିତ ଭୂୟାଁ ଯୋଗଦେଇଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଅନଙ୍ଗଉଦୟ ବେଉରିଆ, ଉପସଭାପତି ସମରେନ୍ଦ୍ର ବେଉରିଆ, କୋଷାଧ୍ୟକ୍ଷ ଜୟନ୍ତ ସାହୁ, ଉପଦେଷ୍ଟା ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଭୂୟାଁଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଯାଜପୁର ଜିଲା ମହିଳା ବିଜେଡି ସଭାପତି ଭାବେ ସବିତାଙ୍କ ହ୍ୟାଟ୍ରିକ୍

**ଯାଜପୁରରୋଡ଼,୧୬।୯ (ପବିତ୍ର ରଞ୍ଜନ ମହାନ୍ତି):**



ଯାଜପୁର ଜିଲା ମହିଳା ବିଜେଡି ସଭାପତିଙ୍କ ନାମ ଦଳ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି । ସଭାନେତ୍ରୀ ଭାବେ ସବିତା ରାଉତଙ୍କ ନାମରେ ପୁନର୍ବାର ମୋହର ବାଜିଛି। ଜିଲା ସଭାନେତ୍ରୀ ପଦରେ ସବିତାଙ୍କ ଏହା ତୃତୀୟ ପାଳି। କୋରେଇ ନିର୍ବାଚନ ମଣ୍ଡଳୀ ବ୍ୟାସନଗର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ରାଉତଙ୍କ ସାଙ୍ଗଠନିକ ଦକ୍ଷତା ପାଇଁ ସାରା ଜିଲାରେ ମହିଳା ବିଜେଡି ସଙ୍ଗଠନ ମଜଭୁତ ହୋଇପାରିଛି। ଯାଜପୁରରେ ମହିଳା ବିଜେଡି ସଙ୍ଗଠନ ଦିନକୁଦିନ ଅଧିକରୁ ଅଧିକ ସୁଦୃଢ ହେବାରେ ଲାଗିଛି। ଏହାକୁ ଲକ୍ଷ୍ୟକରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତୃତୀୟଥର ପାଇଁ ଗୁରୁ ଦାୟିତ୍ୱ ଦେଇଛନ୍ତି। ଏ ଖବର ଜଣାପଡିବା ପରେ କୋରେଇ ବିଧାୟକଙ୍କ ସମେତ ଜିଲାର ସମସ୍ତ ବିଧାୟକ, ଏମ୍‌ପି ଏବଂ ଜିଲାର ପ୍ରମୁଖ ଦଳୀୟ କର୍ମକର୍ତ୍ତା ରାଉତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟାପକ୍ଷେ ଶ୍ରୀମତୀ ରାଉତ ତାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଇଂ.ପ୍ରୀତିରଞ୍ଜନ ଘଡାଇ, ମନ୍ତ୍ରୀ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, କୋରେଇ ବିଧାୟକ ଅଶୋକ କୁମାର ବଳ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ,ବରୀ ବିଧାୟିକା ସୁନନ୍ଦା ଦାସ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ କୃତଜ୍ଞତା ଜଣାଛନ୍ତି। ଆଗାମୀ ଦିନରେ ଯାଜପୁର ଜିଲା ବିଜୁ ମହିଳା ଜନତା ଦଳର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ରାଉତ କାର୍ଯ୍ୟକରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

## ବିଷ୍ଣୁପ୍ରିୟା, ସସ୍ମିତା ଜିଲା ଉପସଭାନେତ୍ରୀ

**ଯାଜପୁର ଟାଉନ,୧୬।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**



ବିଷ୍ଣୁପ୍ରିୟା ମହାକୁଡ଼



ସସ୍ମିତା ସାହୁ

ଯାଜପୁର ଜିଲାର ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ଭାବେ ଯାଜପୁର ବ୍ଲକ୍‌ରୁ ୨ ଜଣଙ୍କୁ ମନୋନୀତ କରାଯାଇଛି । ଏହି କମିଟିର ଜିଲା ସଭାପତି ଭାବେ ସବିତା ରାଉତଙ୍କୁ ମନୋନୀତ କରାଯାଇଥିବା ବେଳେ ୧୮ଜଣଙ୍କୁ ଉପସଭାନେତ୍ରୀ ଭାବେ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରୁ ଯାଜପୁର ବ୍ଲକ୍‌ରୁ ବିଷ୍ଣୁପ୍ରିୟା ମହାକୁଡ ଓ ସସ୍ମିତା ସାହୁଙ୍କୁ ଜିଲା ଉପସଭାପତି ଭାବେ ମନୋନୀତ କରାଯାଇଛି। ବିଷ୍ଣୁପ୍ରିୟା ମହାକୁଡ ସୁଜନପୁର ପଞ୍ଚାୟତ ସରପଞ୍ଚ ଥିବା ବେଳେ ସସ୍ମିତା ସାହୁ ଯାଜପୁର ବ୍ଲକ୍ ବିଚିତ୍ରପୁର ପଞ୍ଚାୟତର ଜଣେ ସକ୍ରିୟ ବିଜେଡି ସଙ୍ଗଠିକା ଭାବେ ପରିଚିତ। ଏହି ୨ଜଣଙ୍କୁ ଯାଜପୁର ବ୍ଲକ୍ ଉପସଭାନେତ୍ରୀ ଭାବେ ମନୋନୀତ କରାଯାଇଥିବାରୁ ବିଭିନ୍ନ ମହଲରୁ ସେମାନଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଭୟେ ଯାଜପୁର ଜିଲାର ସମସ୍ତ ବିଧାୟିକା, ବିଧାୟକ, ଏମ୍‌ପି ଓ ବିଜୁଜନତା ଦଳର ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କଂଗ୍ରେସର ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ




କଂଗ୍ରେସର ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃବୃନ୍ଦ ।

**ସିଂହପୁର,୧୬।୯ (ଅନଙ୍ଗଉଦୟ ବେହୁରିଆ)**

ବିଂଝାରପୁର କଂଗ୍ରେସର ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ ଶୁକ୍ରବାର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ନେତୃତ୍ୱ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କଂଗ୍ରେସର ଉପ ସଭାନେତ୍ରୀ ତଥା ପିସିସି ସଭ୍ୟା କନକଲତା ମଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ, କୋଡିନେଟର ମହେଶ୍ୱର ଦାସ, ପ୍ରତାପ ଦାସ, ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳ, ସୁଦାମ ଚରଣ ସାମଲ , ଶେଖ୍ ଅତର ଖାଁ, ବାବୁ ଖାଁ, ଶେଖ୍ ଅଖତର,ଉମେଶ ମଲ୍ଲିକ, ବ୍ଲକ ଯୁବ କଂଗ୍ରେସ ସଭାପତି ସୁଲୋଚନା ଦାସ, ସମ୍ପାଦିକା ବନିତା ଦାସ, ଏସି ସେଲର ସଭାପତି ସାନ୍ତୁନ ମଲିକ, ଛାତ୍ର କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ମହଲ , ବିଷ୍ଣୁପ୍ରିୟା ଜେନା, ସାମାଜିକ ଗଣମାଧ୍ୟମ ସଭାପତି ସିଦ୍ଧାନ୍ତ ତ୍ରିପାଠୀ, ଅନିଲ ମହାନ୍ତି, ସେବା ଦଳ ସଭାପତି ବେନୁ ମଲିକ, ଚଗଲା ସାହୁ, ମିହିର ମୁନାଲତା, ଧନେଶ୍ୱର ସାମଲ , ସତ୍ୟ ରଞ୍ଜନ ପ୍ରଧାନ, ଗଗନ ମଲିକ, ସନ୍ତୋଷ ସାହୁ, ବିକାଶ ମିଶନ କାର୍ଯ୍ୟକ୍ରମ ସମାରୋହରେ ପାଳନ କରା ଯାଇଥିଲା । ପୂର୍ବତନ ଯୁବ କଂଗ୍ରେସ ଉପ ସଭାପତି ହିମାଂଶୁ ମହଲ ଧନ୍ୟବାଦ ଦେଇଥିଲେ ।

## ରାସ୍ତା ଉପରେ ଲହଡ଼ି ମାରୁଛି ବର୍ଷାଜଳ

**ବ୍ରହ୍ମବରଦା,୧୬।୯ (ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତରେ ବର୍ଷାଜଳ ନିଷ୍କାସନ ସମସ୍ୟା ଚିନ୍ତାର କାରଣ ହୋଇଛି। ଲଘୁଚାପଜନିତ ବର୍ଷା ଯୋଗୁ ବ୍ରହ୍ମବରଦା, ମହେଶ୍ୱରପୁର, ଏବଂ ଚାନ୍ଦପୁର ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ଗାଁ ରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହିଛି । ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ମହେଶ୍ୱରପୁର ପଞ୍ଚାୟତର ୧ନଂ.ୱାର୍ଡ଼ର ଅବସ୍ଥା ସଙ୍ଗୀନ ହୋଇଛି। ଗୋପଳ ଘରଠାରୁ ବଡ଼ମସ୍‌ଜିଦ ଦେଇ ବ୍ରହ୍ମବରଦା ପୋଷ୍ଟ ଅଫିସକୁ ସଂଯୋଗ କରୁଥିବା ରାସ୍ତାରେ ବର୍ଷା ପାଣି ଜମି ରହିଛି। ଏହି ରାସ୍ତା ଦେଇ ମହେଶ୍ୱରପୁର ଅଞ୍ଚଳରୁ ବ୍ରହ୍ମବରଦା ସରକାରୀ ପ୍ରାଥମିକ ବିଦ୍ୟାଳୟ, ବ୍ରହ୍ମବରଦା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଏବଂ ବ୍ରହ୍ମବରଦା ପୋଷ୍ଟ ଅଫିସକୁ ପ୍ରତିଦିନ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଯାତାୟତ କରିଥାନ୍ତି । ଜମି ରହିଥିବା ବର୍ଷାପାଣିରେ ପଶି ସମସ୍ତେ ଯାତାୟତ କରୁଛନ୍ତି । ଏନେଇ ସ୍ଥାନୀୟ ବାସିନ୍ଦା ମହେଶ୍ୱରପୁର ସରପଞ୍ଚଙ୍କୁ ଜଣାଇଲେ ମଧ୍ୟ ସେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି । ଫଳରେ ଲୋକାମାନେ ଚାନ୍ଦା ଆଦାୟ କରି ଘର କାନ୍ଥ କଡ଼ରେ ବାଲି ବସ୍ତା ପକାଇଛନ୍ତି। ଏନେଇ ମହେଶ୍ୱରପୁର ସରପଞ୍ଚ ଝରଣା ପାତ୍ରଙ୍କୁ ପଚାରିବାରୁ ଆପଣ ପଞ୍ଚାୟତ ଅଫିସକୁ ଆସନ୍ତୁ ସେଠି ପ୍ରତିକ୍ରିୟା ଦେବି ବୋଲି କହିଛନ୍ତି। ଏନେଇ ଆଗାମୀ ନିର୍ବାଚନରେ ଜବାବ ଦିଆଯିବ ବୋଲି ସ୍ଥାନୀୟ ବାସିନ୍ଦା ସେକ୍ ଗଫର, ସେକ୍ ସୋଲୋ, ସେକ୍ ଜହୁର ମହମ୍ମଦ, ଅବୁଦୁଲ କୁଦୁସ ଖାଁ, କୁଣ୍ଡା ବେହେରା, ଉଚ୍ଛା ବେହେରା, ଅବୁଦୁଲ ଖାଁ, ଶେଖ ଇମତୟାଜ ଉଦ୍ଦିନ, ଶେଖ ଇସତେୟାକ ଉଦ୍ଦିନ ପ୍ରକାଶ କରିଛନ୍ତି।



ରାସ୍ତାରେ ଜମିଥିବା ପାଣିରେ ପଶି ଛାତ୍ରମାନେ ସ୍କୁଲ ଯାଉଛନ୍ତି ।

## ସଂକ୍ଷେପରେ

### ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

ରାହାମା, ୧୬।୯(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ବିଜୁ କଲ୍ୟାଣ ମଣ୍ଡପରେ ଉତ୍କଳ ହସ୍ପିଟାଲ ଓ ଏ.ଏସ୍.ଜି.ଆଇ ହସ୍ପିଟାଲ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ପାରାଦୀପ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିନ୍ନର ମହାସଂଘର ସଭାନେତ୍ରୀ ସୁଶ୍ରୀ ସୁଇଟ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କ୍ଷେତ୍ରବାସୀ ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ପ୍ରସନ୍ନ କୁମାର ପଣ୍ଡା, ନାରାୟଣ ମହାପାତ୍ର ଅଧ୍ୟକ୍ଷ ମା'ଭବାନୀ ଚାରିଟେବଲ ଟ୍ରଷ୍ଟ, ପୂର୍ବତନ ଏମ୍‌ପି କୁଳମଣି ସାମଲ, ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ଦମୟନ୍ତୀ ଲେଙ୍କା, ସରପଞ୍ଚ ତାଳପଡା ଓ ସାଇଲୋ ସରପଞ୍ଚ ସରୋଜ ସେଠୀ ପ୍ରମୁଖ ଯୋଗଦେଇଥିଲେ। ମଦର ଟେରେସା ଫାଉଣ୍ଡେଶନ ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ସୁନାକର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ନୂଆ ବଜାର ମା'ସାରଳା ହସ୍ପିଟାଲ ପକ୍ଷରୁ ସହଯୋଗ କରାଯାଇଥିଲା। ସେହିପରି ସାମାଜିକ କର୍ମୀ ଆଦିତ୍ୟ ପ୍ରସାଦ ମହାନ୍ତି, ବିଭୂଷିତା ଦାଶ ମଧ୍ୟ ସହଯୋଗ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ଚିକିତ୍ସକ ଯୋଗଦେଇ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ଯୋଗାଇ ଦେଇଥିଲେ।

### 'କୃଷକମାନେ ବିଭିନ୍ନ କ୍ଷେତ୍ରରେ ଉପେକ୍ଷିତ, ନିଷ୍ପେଷିତ'

କୁଜଙ୍ଗ, ୧୬।୯(ମନୋଜ ପ୍ରଧାନ)

ଦୁର୍ନୀତିମୁକ୍ତ ସମାଜ ଗଠନ ଓ କୃଷକଙ୍କ ହକ୍ ପାଇଁ ଲଢେଇ କରିବା ନିମନ୍ତେ କୁଜଙ୍ଗ ଥାନା ତଥା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ଓ ବଳେଇପୁର ପଞ୍ଚାୟତରେ ଶନିବାର ବୁଦ୍ଧିଜୀବୀ ଓ କୃଷକମାନଙ୍କୁ ନେଇ 'ସମୟ ଆସିଛି ପରିବର୍ତ୍ତନ' ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ କରାଯାଇଛି। ବାଲେଇପୁରସ୍ଥିତ ମା'ସାହାଡ଼ାଇ ପୀଠରେ ଅନୁଷ୍ଠିତ ଏହି ବୈଠକରେ ସାମାଜିକ କର୍ମୀ ରଶ୍ମିତା ନାୟକଙ୍କୁ ସଙ୍ଗଠନର ଆବହିକା ଓ ସଭାପତି ଭାବେ ଗଣେଶ ରାଉତଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ନାୟକ କହିଛନ୍ତି, କୃଷକମାନେ ବିଭିନ୍ନ କ୍ଷେତ୍ରରେ ଉପେକ୍ଷିତ, ନିଷ୍ପେଷିତ। ଧାନର ଠିକ୍ ମୂଲ୍ୟ ପାଇ ପାରୁ ନ ଥିବାବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ମଣ୍ଡି ବନ୍ଦ ହୋଇଯାଉଛି। ସେମାନଙ୍କ ହକ୍ ଆମ ସଙ୍ଗଠନ ଲଢ଼େଇ କରିବ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବିଶ୍ୱନାଥ ସ୍ୱାଇଁ, ରବୀନ୍ଦ୍ର ରାଉତ , ଭାରତ ଓଝା, ଶଶିଭୂଷଣ ଦାସ, ପବିତ୍ର ଷଡ଼ଙ୍ଗୀଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇଥିଲେ।

### ଧାନ କ୍ରୟରେ ସ୍ୱଚ୍ଛତା, ସୁପରିଚାଳନାକୁ ଗୁରୁତ୍ୱ

ନିୟନ୍ତ୍ରିତ ବଜାର କମିଟି ଅଧିବେଶନ

ରାହାମା, ୧୬।୯(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅଧୀନ ରାହାମାସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରରେ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସଭ୍ୟ ନରେନ୍ଦ୍ର ପରିଡା, ବାବାଜୀ ସାହୁ, ସବିତା ମହାପାତ୍ର, ବିଷ୍ଣୁ ସାହୁ, ସଞ୍ଜୟ ମହାନ୍ତି, ପ୍ରକାଶ ପରିଡା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସମ୍ପାଦକ ବିଶ୍ୱନାଥ ମହାନ୍ତି ଏହି ସଭାକୁ ପରିଚାଳନା କରିଥିଲେ।

# ଖୁବ୍‌ଶୀଘ୍ର ଜିଲାର ୫୭ ବିଦ୍ୟାଳୟ ରୂପାନ୍ତରଣ

## ବିଦ୍ୟାଳୟ ଅଂଶୀଦାରମାନଙ୍କ ସହ ୫-ଟି ସଚିବଙ୍କ ଆଲୋଚନା

■ସମସ୍ତ ବିଦ୍ୟାଳୟକୁ ଜମିପଟା, ବିଦ୍ୟୁତକରଣ, ଇଣ୍ଟରନେଟ୍, ରାସ୍ତା ଓ ପାନୀୟ ଜଳ

ଜଗତ୍‌ସିଂହପୁର, ୧୬।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକର ଚତୁର୍ଥ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ବିଦ୍ୟାଳୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିଥିଲେ। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପାଣ୍ଡିଆନ କହିଥିଲେ, ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ଏସବୁ ବିଦ୍ୟାଳୟର ପ୍ରସ୍ତୁତି କାର୍ଯ୍ୟ ଶେଷ ହେବ। ବିଦ୍ୟାଳୟଗୁଡ଼ିକର ଯେପରି କୌଣସି ଅଭାବ ନ ରୁହେ ସେଥିପ୍ରତି ଧ୍ୟାନ ଦିଆଯିବ। ବିଶେଷକରି ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ଇଣ୍ଟରନେଟ୍ ଏବଂ ଜମିପଟ୍ଟା ସମସ୍ୟାର ସମାଧାନ କରାଯିବ। ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ପାଇଁ ଡାକ୍ତରୀ, ଇଞ୍ଜିନିୟରିଂ କଲେଜରେ ୧୫% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ରମାନେ ଏହାର ସୁଫଳ ନେବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ନୂଆବର୍ଷରେ ପିଲାମାନେ ନୂଆ ବିଦ୍ୟାଳୟରେ ପଢ଼ିବାର ସୁଯୋଗ ପାଇବେ। ଏହାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ପାଣ୍ଡିଆନ କହିଥିଲେ । ସେ ପ୍ରତି ବ୍ଲକର ବିଦ୍ୟାଳୟ ଅଂଶୀଦାରମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ପଢିବା ପାଇଁ ଉତ୍ସାହିତ କରିଥିଲେଟ୍। ଏଥିସହ ପିଲାମାନଙ୍କ ଅଭିଜ୍ଞତା ବିଷୟରେ ବୁଝି ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ କ'ଣ ଜାଣିବାକୁ ଚାହିଁଥିଲେ । ଜିଲାପାଳ ପାରୁଲ ପଟାୱରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ଭିସି ହଲ୍‌ରେ ଉପସ୍ଥିତ ରହି ବିଦ୍ୟାଳୟଗୁଡିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଆଇପିଆର୍‌ଓ କାମିନୀ ରଞ୍ଜନ ପଟ୍ଟନାୟକ ଓ ଟେକ୍‌ନିକାଲ କନ୍‌ସଲଟାଣ୍ଟ ଶୁଭେନ୍ଦୁ ବରାଳ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କୁଜଙ୍ଗଠାରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଏବଂ ଅନ୍ୟ ବ୍ଲକରେ ବିଡିଓଙ୍କ ସମେତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ପରିଚାଳନା କମିଟିର କର୍ମକର୍ତ୍ତା, ସରପଞ୍ଚ, ବିଦ୍ୟାଳୟ ପୂରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଜିଲାର ୨୬୨ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ୧୯୬ଟି ବିଦ୍ୟାଳୟର ରୂପାନ୍ତରଣ ହୋଇସାରିଛି। ୪ର୍ଥ ପର୍ଯ୍ୟାୟରେ ୫୭ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଚାଲୁଛି। ଏସବୁ ବିଦ୍ୟାଳୟ ମଧ୍ୟରୁ ବାଲିକୁଦାରେ ୧୨, ବିରିଡ଼ି ୫, ଏରସମା ୮, ଜଗତ୍‌ସିଂହପୁର ବ୍ଲକ ଓ ପୌର ପାଳିକାରେ ୭, କୁଜଙ୍ଗ ଓ ପାରାଦୀପ ପୌର ପାଳିକାରେ ୬ (୧ଟି ଓଏଭି), ନାଉଗାଁ ୫, ରଘୁନାଥପୁର ୪ ଏବଂ ତିର୍ତ୍ତୋଲରେ ୧୦ଟି ବିଦ୍ୟାଳୟ ରହିଛି।



ଭିଡିଓ କନ୍‌ଫରେନ୍ସିଂରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ଓ ଅନ୍ୟମାନେ।

# ପିପିଏ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଆରମ୍ଭ



ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଓ ଅନ୍ୟମାନେ।

ପାରାଦୀପ, ୧୬।୯(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ପକ୍ଷରୁ ସ୍ୱଚ୍ଛତା ପକ୍ଷ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ବୋର୍ଡ ରୁମଠାରେ ଏହାକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ବିଭାଗୀୟ ମୁଖ୍ୟ ବ୍ୟବହାରକାରୀ ସଂସ୍ଥା, କର୍ମଚାରୀ ଶ୍ରମିକ ଏଥିରେ ସାମିଲ ହୋଇଥିଲେ।୧୫ ଦିନ ଧରି ବିଭିନ୍ନ ବିଭାଗ ପକ୍ଷରୁ ବନ୍ଦରାଞ୍ଚଳର ପ୍ରମୁଖ ସ୍ଥାନରେ ସମୂହ ସଫେଇ, ସଚେତନତା ରଥ, ବିଭିନ୍ନ ସ୍ଥାନରେ ହୋର୍ଡିଂ, ପମ୍ପ ହାଉସ ପରିସରରେ ସଫେଇ, ବୈଦ୍ୟୁତିକ ଉପକରଣଗୁଡ଼ିକର ସଫେଇ ଓ ଯାଞ୍ଚ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ସମୁଦ୍ର ହେଉଛି ଜୀବଜଗତ ପାଇଁ ବଞ୍ଚିବାର ଆଧାର



ତଟ ସଫେଇ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଅନ୍ତର୍ଜାତୀୟ ତଟ ସଫେଇ ଦିବସ

ପାରାଦୀପ, ୧୬।୯(ଶରତ ରାଉତ)

ପାରାଦୀପ ନୂଆବଜାରସ୍ଥିତ କଳିଙ୍ଗ ବାଲିଯାତ୍ରା ପଡ଼ିଆ ବେଳାଭୂମିରେ ଶନିବାର ଅର୍ନ୍ତଜାତୀୟ ତଟ ସଫେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପରିଷଦ, ବିଭିନ୍ନ ଶିଳ୍ପ ସଂସ୍ଥା ଓ ଏକାଧିକ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଲଗ୍ନଜିତ୍ ରାଉତ, ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ କମ୍ପାନୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୁଦ୍ର ହେଉଛି ଜୀବଜଗତ ପାଇଁ ବଞ୍ଚିବାର ଆଧାର। ଏବେ ଆଧୁନିକ ଜୀବନଶୈଳୀ ଓ ଶିଳ୍ପାୟନ ପାଇଁ ସମସ୍ତ ପ୍ରଦୂଷଣ ସେଥିରେ ମିଶୁଛି। ଏହାଦ୍ୱାରା ଜୈବ ବିବିଧତା ବିଗିଡ଼ି ଗଲାଣି। ସମୁଦ୍ରରେ କୌଣସି ପ୍ରଦୂଷିତ ସାମଗ୍ରୀ ଓ ପଲିଥିନ ନ ମିଶିବା ପାଇଁ ଏହି ଅଭିଯାନ ବିଶ୍ୱସ୍ତରରେ ଚାଲିଛି। ଆମେ ସମସ୍ତେ ଯତ୍ନବାନ ହୋଇ ତଟ ସଫେଇ ପାଇଁ ପଦକ୍ଷେପ ନେଲେ ତାହା ସୁରକ୍ଷିତ ରହିବ ବୋଲି ମୁଖ୍ୟ ଅତିଥି ରାଉତ କହିଥିଲେ। ପରେ ସ୍କୁଲ ପିଲାମାନଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

# ପୃଥକ୍ ମାମଲାରେ ୭ ଗିରଫ

କୁଜଙ୍ଗ, ୧୬।୯(ମନୋଜ ପ୍ରଧାନ)

କୁଜଙ୍ଗ ପୋଲିସ ପୃଥକ୍‌ଭାବେ ଘଟିଥିବା ଗୋଷ୍ଠୀ ସଂଘର୍ଷ, ଡକାୟତି ଓ ଚୋରି ଘଟଣାରେ ୭ ଜଣଙ୍କୁ ଗିରଫ କରିଛି। କୁଜଙ୍ଗ ଥାନା ପଙ୍କପାଳ ପଞ୍ଚାୟତ ଅନ୍ତର୍ଗତ ପାଇକବସ୍ତା ଗ୍ରାମସ୍ଥିତ ପଙ୍କପାଳ ବଜାରରେ ଗ୍ରାମ୍ୟ ବିବାଦକୁ ନେଇ ପରମବ୍ରହ୍ମ ରାଉତଙ୍କ ଗୋଷ୍ଠୀ ଓ ସ୍ୱାଧୀନ ଖୁଣ୍ଟିଆଙ୍କ ଗୋଷ୍ଠୀ ମଧ୍ୟରେ ୧୫ ତାରିଖରେ ବିବାଦ ହୋଇଥିଲା। ଏହି ଘଟଣାକୁ ନେଇ ଅପରାହ୍ନରେ ଉଭୟ ଗୋଷ୍ଠୀ ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ପରମବ୍ରହ୍ମ ଓ ସ୍ୱାଧୀନ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୪୨୩/୨୩ ଓ ୪୨୪/୨୩) ରୁଜୁ କରି ୫ ଜଣଙ୍କୁ ଗିରଫ କରିଛି। ଏଥିସହ ଏକ ଜିପ୍ ଜବତ କରିଛି। ସେହିପରି ଏକ ଡକାୟତି ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ପଙ୍କପାଳ ଗ୍ରାମର ରାକେଶ ସେନାପତିକୁ ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ.୩୬୦/୨୩) ରୁଜୁ ହୋଇଛି। ତାଙ୍କଠାରୁ ୩୦ ହଜାର ଟଙ୍କା ଜବତ କରାଯାଇ ଡକାୟତିର ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ଫେରାଇ ଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ସେହିପରି ଏହି ଥାନା ଅଞ୍ଚଳର ଏକ ମନ୍ଦିର ହୁଣ୍ଡିରୁ ୨୦୧୯ରେ ଚୋରହୋଇଥିଲା। ଏହି ଅଭିଯୋଗରେ ପାନପଲ୍ଲୀ ଗ୍ରାମର ଅଭିଯୁକ୍ତ ବିଦ୍ୟାଧର ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି।

# ନୂତନ କଳାକାର ଦଳର ଚୟନ



କଳାକାରମାନେ କଳା ପ୍ରଦର୍ଶନ କରୁଛନ୍ତି।

ବିରିଡ଼ି, ୧୬।୯ (ପ୍ରଶାନ୍ତ କୁମାର ରାଉତ)

କଳା ଓ ସଂସ୍କୃତି ବିଭାଗ ଓଡ଼ିଶା ପକ୍ଷରୁ ଶନିବାର ବିରିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ନୂତନ କଳାକାର ଦଳର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଳା ସଂସ୍କୃତି ସଂଘ ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସଂଘ ସଭାପତି ତଥା ବିଡିଓ ହେମନ୍ତ କୁମାର ମହାନ୍ତ, ଉପସଭାପତି ଗାୟକ ମନୋଜ କୁମାର ମହାନ୍ତି, ଉପଦେଷ୍ଟା ଗାୟକ ହୃଦାନନ୍ଦ ନାୟକ, ବ୍ଲକ ସାଂସ୍କୃତିକ ଅଧିକାରୀ ଜ୍ୟୋତିର୍ମୟୀ ସ୍ୱାଇଁ, ଜୁନିୟର ଆସିଷ୍ଟାଣ୍ଟ ବିଶ୍ୱଜିତ ବିଶ୍ୱାଳ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ଓଝା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ୧୨ଟି ନୂତନ କଳାକାର ଦଳ ଭାଗନେଇଥିଲେ । ଏଥିରେ ନଦିଆ କୀର୍ତ୍ତନ, ଓଡ଼ିଶୀ କୀର୍ତ୍ତନ, ଦକ୍ଷିଣକୀର୍ତ୍ତନ ଓ ଖଞ୍ଜଣି ଭଜନ କଳାକାରମାନେ ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶିତ କରିଥିଲେ। ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ଏହି କଳାକାରମାନଙ୍କ ମାଧ୍ୟମରେ ପ୍ରଚାର ଓ ପ୍ରସାର କରିବା ଏହାର ଲକ୍ଷ୍ୟ ବୋଲି ବିଡିଓ ମହାନ୍ତ ପ୍ରକାଶ କରିଥିଲେ ।

# ବନ୍ଦ ଘରୁ ଝୁଲନ୍ତା ମୃତଦେହ ଜବତ

ପାରାଦୀପ, ୧୬।୯(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବାଲିଝରା ବସ୍ତିରେ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ପ୍ରକାଶ ସାମନ୍ତସିଂହାର (୫୦)। ସେ ଘରେ ଏକୁଟିଆ ଥିଲେ। ତାଙ୍କର ୫ ଟି ସନ୍ତାନ ଓ ସ୍ତ୍ରୀ ଗାଁକୁ ଯାଇଥିବାବେଳେ ଏପରି ଘଟଣା ଘଟିଛି। ତାଙ୍କୁ ପଙ୍ଖାରେ ଝୁଲୁଥିବା ଦେଖି ପୋଡ଼ଶୀ ପୋଲିସକୁ ଖବର ଦେଇଥିଲେ।

# ଆଗାମୀ ପିଢ଼ିର ସୁରକ୍ଷା ପାଇଁ କାର୍ବନ ହ୍ରାସ ଜରୁରୀ

## ବିଶ୍ୱ ଓଜୋନ ଦିବସ

ପାରାଦୀପ, ୧୬।୯(ଶରତ ରାଉତ)



ପାରାଦୀପ ନୂଆବଜାରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ବିଶ୍ୱ ଓଜୋନ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ଓଜୋନସ୍ତର କିପରି ପ୍ରଭାବିତ ହେଉଛି ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଓଜୋନସ୍ତର ହେଉଛି ପୃଥିବୀର ଛତା। ତାହା ଆମକୁ ଉଜ୍ଜ୍ୱଳ ରଶ୍ମିଠାରୁ ସୁରକ୍ଷିତ ରଖୁଛି। କିନ୍ତୁ ଆମେ ବ୍ୟବହାର କରୁଥିବା ଆଧୁନିକ ଜୀବନଶୈଳୀ ଫ୍ରିଜ,ଏୟାର କଣ୍ଡିଶନର (ଏସି), ରନ୍ଧନ ଗ୍ୟାସ, ଶିଳ୍ପରୁ ବାହାରୁଥିବା ଅଦୃଶ୍ୟ ପ୍ରଦୂଷଣ, ପଲିଥିନ ପ୍ଲାଷ୍ଟିକ ପୋଡିବା ଦ୍ୱାରା ଧୂଆଁ ଆଦି ଯୋଗୁ କାର୍ବନ ସିଧାସଳଖ ଓଜୋନସ୍ତରକୁ ପ୍ରଭାବିତ କଲାଣି। ଏହାଦ୍ୱାରା ଓଜନସ୍ତର ପୂର୍ବଭଳି ସନ୍ତୁଳନ ରକ୍ଷା କରିପାରୁନାହିଁ। ସେଥିପାଇଁ ଅତି ବର୍ଷା, ଅତି ଶୀତ, ଅତି ଖରା ଭଳି ପରିସ୍ଥିତି ଆସିଲାଣି। ଏବେଠାରୁ ସେହି କାର୍ବନ ନିର୍ଗମକୁ ହ୍ରାସ ନ କଲେ ଭବିଷ୍ୟତରେ ଆହୁରି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବ ଏବଂ ମଣିଷ ଅତି ବାଇଗଣୀ ରଶ୍ମି ପ୍ରଭାବରେ ବିଭିନ୍ନ ଦୁରାରୋଗ୍ୟରେ ଆକ୍ରାନ୍ତ ହେବେ। ଆଗାମୀ ପିଢ଼ିର ସୁରକ୍ଷା ନିରାପତ୍ତା ପାଇଁ କାର୍ବନ ହ୍ରାସ ଜରୁରୀ ବୋଲି ବେହେରା କହିଥିଲେ। ଏହି ବୈଠକରେ ପାରାଦୀପର ସମସ୍ତ ଶିଳ୍ପ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରତିନିଧି ଉପସ୍ଥିତ ଥିଲେ।

# ଅଭିଯୁକ୍ତ ଚୁନା ଗିରଫ

କେନ୍ଦ୍ରାପଡ଼ା, ୧୬।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଟାଉନ ପୋଲିସ ଗ୍ୟାଙ୍ଗଷ୍ଟର ହାଇଦରଙ୍କ ପୁଅ ଚୁନା ଓରଫ ସେକ ନାସିରଙ୍କୁ ଶନିବାର ଗିରଫ କରିଛି। ସେ ଦୁଇବର୍ଷ ହେବ ଟାଉନ ଥାନା ପୋଲିସ କେସ ନଂ. ୧୨୯/୨୦ରେ ଲୁଚି ବୁଲୁଥିଲା। ଏଥିପାଇଁ ତାଙ୍କ ନାମରେ ନନ ବେଲେବୁଲ ୱାରେଣ୍ଟ ଥିଲା ବୋଲି ଆଇଆଇସି ଦିଲୀପ କୁମାର ସାହୁ କହିଛନ୍ତି। ସେ ରଣପଡା ଘରୁ ଗିରଫ ହୋଇଥିବା ବେଳେ ସଦର ଥାନାରେ ନଂ. ୩୭୬/୨୨ରେ ଅଭିଯୁକ୍ତ ଥିବା ସାହୁ ସୂଚନା ଦେଇଛନ୍ତି।

# ଆଜିଠାରୁ ପାରାଦୀପ ବିଶ୍ୱକର୍ମା ପୂଜା ମହୋତ୍ସବ

## ଆଲୋକ ମାଳାରେ ସଜିତ ବଡ଼ପଡ଼ିଆ ଅଞ୍ଚଳ

ପାରାଦୀପ, ୧୬।୯(ଶରତ ରାଉତ)

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ରବିବାରଠାରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସନ୍ଧ୍ୟା ସୁଦ୍ଧା ପୂଜାମଣ୍ଡପ ଅଞ୍ଚଳ ଆଲୋକମାଳାରେ ସଜେଇ ହୋଇଯାଇଛି। ଏନେଇ ପାରାଦୀପର ପ୍ରମୁଖ ଅଞ୍ଚଳ ବଡ଼ପଡିଆ ଚଳଚଞ୍ଚଳ ହୋଇଉଠିଛି। କରୋନା ମହାମାରୀ ଯୋଗୁ ଗତ ୩ ବର୍ଷ ହେବ ଏହି ପୂଜା ମହୋତ୍ସବ ବନ୍ଦ ଥିଲା। ଚଳିତବର୍ଷ ପୂଜା ଆୟୋଜନ ହେଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। କିନ୍ତୁ ପ୍ରମୁଖ ୭ଟି ଆୟୋଜକ ମଣ୍ଡପ ତୋରଣ କରି ନ ଥିବାରୁ ଟିକିଏ ଫାଙ୍କା ରହିଛି। ଚଳିତବର୍ଷ ୫ ଦିନ ଧରି ଏହି ମହୋତ୍ସବ ପାଳନ ହେବ ବୋଲି ଜଣାପଡିଛି। ବଡ଼ପଡିଆ ଥାନାଛକଠାରୁ ନୂଆବଜାର ହୋଟେଲ ଛକ ପର୍ଯ୍ୟନ୍ତ ୮ଟି ତୋରଣ ହୋଇଛି। ଏନେଇ ବିଭିନ୍ନ ପ୍ରକାର ବ୍ୟବସାୟୀମାନେ ରାସ୍ତାକଡରେ ଦୋକାନ ଖୋଲିଛନ୍ତି। ଅପରପକ୍ଷେ ଲଘୁଚାପଜନିତ ବର୍ଷା ଯୋଗୁ ମଣ୍ଡପ ଅଞ୍ଚଳରେ ସନ୍ତସନ୍ତିଆ ପରିବେଶ ରହିଛି। ଆଗକୁ ଲଘୁଚାପ ହେବାର ପୂର୍ବାନୁମାନ କରାଯାଇଛି। ସେଥିପାଇଁ ଆୟୋଜକମାନେ ଚିନ୍ତାରେ ଅଛନ୍ତି।







ବିଶ୍ୱକର୍ମା ପୂଜା ପାଇଁ ପାରାଦୀପ ଡକ୍ ମଜଦୁର ୟୁନିୟନ, ବନ୍ଦର ବିଦ୍ୟୁତ୍ ବିଭାଗ, ପୋର୍ଟ ଡମ୍ପର ମାଲିକ ସଂଘ ପକ୍ଷରୁ କରାଯାଇଥିବା ତୋରଣ।

## ସଂକ୍ଷେପରେ

### ସିଆର୍‌ପିଙ୍କୁ ଏମ୍‌ବିକେ ଲାଞ୍ଚ ମାଗୁଥିବା ଅଭିଯୋଗ

**ପାରଳାଖେମୁଣ୍ଡି, ୧୬।୯ (ଗିରିଧାରୀ ପରିଛା)**

ଗଜପତି ଜିଲା ରାୟଗଡ଼ ବିପିଏମ ଏବଂ ଏମ୍‌ବିକେ ଜଣେ ସିଆରପିଙ୍କୁ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଛି। ଶନିବାର ଏନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ସିଆରପି କର୍ମୀ । ପ୍ରକାଶ ଯେ, ରାୟଗଡ ବ୍ଲକ ଅନ୍ତର୍ଗତ ଜିରାଙ୍ଗ ପଞ୍ଚାୟତରେ ଓଡିଶା ଜୀବିକା ମିଶନରେ ସିଆରପି ଭାବେ ସଙ୍ଗୀତା ପ୍ରଧାନୀ କାର୍ଯ୍ୟରତ ଥିଲେ। ଯଦି ଟଙ୍କା ଦେବ ତେବେ ଡ୍ୟୁଟି କରିବ, ନ ହେଲେ ଆଉ ଡ୍ୟୁଟି କରିବ ନାହିଁ ବୋଲି ଏମବିକେ ରୋମାଙ୍ଗିନୀ କରାଡ ତାଙ୍କୁ କହିଥିବା ଅଭିଯୋଗ କରିଛନ୍ତି। ସିଆରପିରେ କାମ କରିବା ପୂର୍ବରୁ ତାଙ୍କୁ ୨୦ ହଜାର ଟଙ୍କା ମଗାଯାଇଥିଲା। ହେଲେ ସଂଗୀତା ୧୫ ହଜାର ଟଙ୍କା ଦେବାପାଇଁ ରାଜି ହୋଇଥିଲେ ଏବଂ ସେତେବେଳେ ୧୦ ହଜାର ଟଙ୍କା ଦେଇଥିଲେ । ଅବଶିଷ୍ଟ ୫ ହଜାର ଦରମା ପାଇବା ବେଳେ ଦେବେ ବୋଲି କଥା ହୋଇଥିଲେ। ହେଲେ କାର୍ଯ୍ୟ ଆରମ୍ଭ କରିବାର ଛଅ ମାସ ପର୍ଯ୍ୟନ୍ତ ଦରମା ମିଳି ନଥିଲା । ଛ'ମାସ ପରେ ଦରମା ବାବଦକୁ ମୋଟ ଅଠର ହଜାର ଟଙ୍କା ପାଇଥିଲେ। ଦରମା ଟଙ୍କା ପାଇବା ପରେ ସଂଗୀତାଙ୍କୁ ଏମବିକେ ହେମାଙ୍ଗିନୀ ପୂର୍ବ ୫ ହଜାର ଏବଂ ୬ ମାସର ଦରମା ମଧ୍ୟରୁ ୩ ମାସର ଦରମା ମାଗିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏଥିରେ ସଂଗୀତା ଅମଙ୍ଗ ହେବାରୁ ହେମାଙ୍ଗିନୀ କରାଡ ରେଜୁଲେସନ ବହି ଧରି ପଳେଇଥିବା କହିଛନ୍ତି। ଏହି ଲାଞ୍ଚ ଟଙ୍କାକୁ ହେମାଙ୍ଗିନୀ ରାୟଗଡ ବ୍ଲକ ବିପିଏମ ଲତିକା ଦେବୀଙ୍କୁ ଦିଆଯିବ ବୋଲି କହିଥିବା ସଂଗୀତା ଜଣାଇଛନ୍ତି। ଏ ସମ୍ପର୍କରେ ସେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ କହିଛନ୍ତି ଯେ, ସମସ୍ତ ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଔଷଧ ଦୋକାନରୁ ଚୋରି

**ବ୍ରହ୍ମପୁର, ୧୬।୯ (ସୁବାସ ଚନ୍ଦ୍ର ପାଢ଼ୀ)**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆଁ ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ ନାରାୟଣ ହେଲଥ କେୟାରରେ ଲୁଟିଆ ଗ୍ୟାଙ୍ଗ ଶୁକ୍ରବାର ରାତିରେ କଳାକାନା ବୁଲାଇଛନ୍ତି। ଦୋକାନ ମାଲିକ ଶନିବାର ସକାଳେ ଦେଖି ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଦୋକାନରୁ ନଗଦ ଟଙ୍କା ସହ କିଛି ଔଷଧ ଚୋରି ହୋଇଥିବା ନେଇର୍ମଚାରୀମାନେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି।

# ୯ଦିନରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ


ଧାରଣାରତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

- ୧୦୨୩ ରେ ତାଲା, ୪୩ ସ୍କୁଲ ଖୋଲା
- ଓଡ଼ିଶା ଅଭିଭାବକ ମହାସଂଘର ସମର୍ଥନ

**ନୟାଗଡ଼, ୧୬।୯ (ଲୋକନାଥ ମିଶ୍ର)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଭୁବନେଶ୍ୱର ଡାକରାରେ ସାରା ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ତଥା ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନଙ୍କ ଆନ୍ଦୋଳନ ୯ ଦିନରେ ପହଞ୍ଚିଛି । ପ୍ରାଥମିକ ଶିକ୍ଷକମାନେ ଗତ ୮ ତାରିଖରୁ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରି ଆସୁଛନ୍ତି । ୧୩ରେ ସାମୁହିକ ଛୁଟି ନେବା ପରେ ପାଠପଢ଼ାରେ ଅଚଳାବସ୍ଥା ଦେଖା ଦେଇଛି । ଜିଲାରେ ଥିବା ୧୦୬୬ ସ୍କୁଲରୁ ୧୦୨୩ ସ୍କୁଲରେ ତାଲା ପଡିଛି । ତେବେ ନୂଆଗାଁ ବ୍ଲକର ୫ ଓ ନୟାଗଡ଼ ବ୍ଲକର ୩୮ ଏପରି ମୋଟରେ ୪୩ ସ୍କୁଲରେ ପାଠପଢ଼ା ଚାଲିଛି । ହାତଗଣତି କେତେଜଣ ଛାତ୍ର ପାଠ ପଢ଼ିବାକୁ ଯାଉଥିବାବେଳେ ନୟାଗଡ ଜିଲାରେ ଶିକ୍ଷକଙ୍କ ଆନ୍ଦୋଳନ ପ୍ରତି ସାଧାରଣରେ ସମବେଦନା ସୃଷ୍ଟି ହେଲାଣି । ଓଡିଶା ଅଭିଭାବକ ସଂଘ ରଣପୁରକୁ ଆସି ରଣପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ସାମିଲ ହୋଇ ଶିକ୍ଷକଙ୍କ ମନୋବଳକୁ ବୃଦ୍ଧି କରିଛନ୍ତି । ଶିକ୍ଷକମାନଙ୍କ ଆନ୍ଦୋଳନରେ ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଓ ପ୍ରସନ୍ନ ବିଶୋଇ ସାମିଲ ହୋଇ କହିଥିଲେ ରବିବାର ସୁଦ୍ଧା ଶିକ୍ଷକମାନଙ୍କ ଦାବି ପୂରଣ ନ ହେଲେ ଓଡିଶା ଅଭିଭାବକ ମହାସଂଘ ଗଣଶିକ୍ଷା ସଚିବଙ୍କ ବାସଭବନ ଘେରାଉ କରିବ । ସେହିପରି ରଣପୁରରେ ପୂର୍ବତନ ମନ୍ତ୍ରୀ ଭାଜପା ନେତ୍ରୀ ସୁରମା ପାଢ଼ୀ ଆନ୍ଦୋଳନରେ ସାମିଲ ହୋଇ ଶିକ୍ଷକଙ୍କ ମନବଳ ବଢ଼ାଇଥିଲେ । ପୂର୍ବରୁ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଆନ୍ଦୋଳନକାରୀଙ୍କ ଦାବିକୁ ସମର୍ଥନ କରି ଶିକ୍ଷକଙ୍କ ଆନ୍ଦୋଳନକୁ ଯଥାର୍ଥ ବୋଲି କହିଥିଲେ । ତେବେ ରାଜ୍ୟ ସରକାର କିନ୍ତୁ ଶିକ୍ଷକଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯୋଜନା କରୁଛନ୍ତି । ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଚାପ ସୃଷ୍ଟି କରି ଆନ୍ଦୋଳନକୁ ବନ୍ଦ କରିବାକୁ ଯୋଜନା କରୁଥିବା ଗୁଞ୍ଜରଣ ଉଠିଲାଣି ।

#### ମଧ୍ୟାହ୍ନଭୋଜନରେ ଠକେଇ

ନୟାଗଡ଼ ଜିଲାର ପ୍ରାୟ ୪୩ ସ୍କୁଲ ଖୋଲା ରହିଥିବାବେଳେ ପ୍ରତି ସ୍କୁଲକୁ ଛାତ୍ରୀଛାତ୍ର ଠିକ୍‌ରେ ଆସୁ ନାହାନ୍ତି । ଛାତ୍ରୀଛାତ୍ର ଛୁଟିର ମଜା ଉଠାଇବାକୁ ଚାହୁଁଛନ୍ତି । ଏଭଳିସ୍ଥଳେ ସ୍କୁଲ କର୍ତ୍ତୃପକ୍ଷ କିନ୍ତୁ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଦର୍ଶାଉଥିବା ଅଭିଯୋଗ ଉଠିଲାଣି। କେତେକ ସ୍କୁଲରେ ଏପରି ଅନିୟମିତତା କରାଯାଇ ମଧ୍ୟାହ୍ନଭୋଜନ ଅର୍ଥକୁ ହଡପ କରାଯାଉଛି ବୋଲି ଅଭିଯୋଗ ହୋଇଛି।

#### ଜିଲାପାଳ କରିବେ ସମୀକ୍ଷା

ବନ୍ଦ ସ୍କୁଲ ଖୋଲିବା ଓ ଶିକ୍ଷକଙ୍କ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଜିଲାସ୍ତରରେ ଏକ ବୈଠକ ଜିଲାପାଳଙ୍କ ସରକାରୀ ବାସଭବନରେ ରବିବାର କରାଯିବ । ଏଥିରେ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ୮ ବ୍ଲକର ବ୍ଲକ ଶିକ୍ଷାଅଧିକାରୀମାନେ ଯୋଗ ଦେବେ । ବୈଠକ ସମ୍ପର୍କରେ କେହି ନ ଜାଣିବା ପାଇଁ ବ୍ୟବସ୍ଥା ହୋଇଛି। ତେବେ ପ୍ରଶାସନର ରଣନୀତିକୁ ଦେଖି ଶିକ୍ଷକମାନେ ମଧ୍ୟ ଆନ୍ଦୋଳନର ତରିକା ବଦଳାଉଛନ୍ତି । ରବିବାର ଦାବି ପୂରଣ ନ ହେଲେ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନର ଧାରା ବଦଳିବ ବୋଲି କୁହାଯାଇଛି।

## ଭାଜପା ପକ୍ଷରୁ ଅମୃତ କଳସ ଯାତ୍ରା, ମାଟି ସଂଗ୍ରହ


ଭାଜପା କର୍ମୀମାନେ କଳସରେ ମାଟି ସଂଗ୍ରହ କରୁଛନ୍ତି।

**ଖଣ୍ଡପଡା, ୧୬।୯ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ହୋଇଥିବା ଅମୃତ କଳସ ଯାତ୍ରା ଓ ମାଟି ସଂଗ୍ରହ ଅଭିଯାନ ଶନିବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ଦଳୀୟ କର୍ମୀ, କର୍ମକର୍ତ୍ତାମାନେ ନୀଳମାଧବ ପୀଠ କଣ୍ଟିଲୋରେ ପହଞ୍ଚି ଶହୀଦ ପ୍ରମୋଦଙ୍କ ଘରୁ ମାଟି ସଂଗ୍ରହ କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀନଗରରେ ଆର୍ମିର ପିଆରଓ ବିଭାଗରେ କାର୍ଯ୍ୟରତ ଥିବା ବେଳେ ସନ୍ତ୍ରାସବାଦୀଙ୍କ ଗୁଳି ଚୋଟରେ ଓଡ଼ିଆ ଯବାନ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଅଞ୍ଚଳର ପ୍ରମୋଦ କୁମାର ମହାରଣା ୧୯୯୯ ନଭେମ୍ବର ୩ ରେ ଶହୀଦ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ମୋ ମାଟି, ମୋ ଦେଶ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦମାନଙ୍କ ସ୍ମୃତି ରକ୍ଷା ନିମନ୍ତେ ଦିଲ୍ଲୀରେ ସ୍ଥାପନ ହେବାକୁ ଥିବା ଅମୃତ ବାଟିକା ନିମନ୍ତେ ଭାଜପା ପକ୍ଷରୁ ଏହି ମାଟି ସଂଗ୍ରହ କରାଯାଉଥିବା ସୂଚନା ମିଳିଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରୁ ସଂଗୃହୀତ ମାଟିକୁ ନୂଆଦିଲ୍ଲୀ ପଠାଯିବ ବୋଲି ଜଣାପଡିଛି।

## ଶିକ୍ଷକଙ୍କ ଆନ୍ଦୋଳନକୁ ଭାଜପାର ସମର୍ଥନ


ଭାଜପା ନେତା ଅଭିଳାଷ ପଣ୍ଡା ଶିକ୍ଷକଙ୍କ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

**ଖଣ୍ଡପଡ଼ା, ୧୬।୯ (ଅଜୟ କୁମାର ମହାରଣା)**

ରାଜ୍ୟ ଶିକ୍ଷକ ସଂଘର ଆହ୍ୱାନକ୍ରମେ ଗତ ୮ ତାରିଖରୁ ୩ ଦଫା ଦାବି ନେଇ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନର ଶିକ୍ଷୟିତ୍ରୀଶିକ୍ଷକମାନେ ଧାରଣା ଦେଇଛନ୍ତି। ଶିକ୍ଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ରାଜ୍ୟ ଯୁବ ମୋର୍ଚ୍ଚା ଭାଜପା ସଭାପତି ଅଭିଳାଷ ପଣ୍ଡା ସମର୍ଥକଙ୍କ ଗହଣରେ ଧାରଣାସ୍ଥଳରେ ଶନିବାର ପହଞ୍ଚି ଥିଲେ। ଶିକ୍ଷକଙ୍କ ନାର୍ଯ୍ୟ ଦାବି ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ପଣ୍ଡା ମତ ଦେଇଥିଲେ। ଏହାଛଡା ଗୁରୁମାନେ ରାଜ ରାସ୍ତାରେ ବସି ଆନ୍ଦୋଳନନ କରିବା ଓଡ଼ିଶା ଇତିହାସରେ କଳା ଦିନ ବୋଲି ପଣ୍ଡା ପ୍ରକାଶ କରିଛନ୍ତି। ରାଜ୍ୟରେ ୪୦ ଲକ୍ଷ ପିଲାଙ୍କ ପାଠପଢା ବନ୍ଦ। ପୁଣି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶିକ୍ଷକଙ୍କୁ ନାଲି ଆଖି ଦେଖାଉଛନ୍ତି। ପିଲାମାନେ ମୁର୍ଖ ହୋଇ କେବଳ ସରକାରଙ୍କର ଭୋଟ ବ୍ୟାଙ୍କ ହେବା ସରକାର ଚାହୁଁଛନ୍ତି। ତୁରନ୍ତ ଶିକ୍ଷକଙ୍କ ଦାବି ପୁରଣ ପାଇଁ ସରକାର ଆକ୍ସନ ନେବା ଜରୁରୀ ବୋଲି ପଣ୍ଡା କହିଛନ୍ତି। ଭାଜପା ପ୍ରତ୍ୟେକ ମୁହୁର୍ତ୍ତରେ ଶିକ୍ଷକମାନଙ୍କ ସୁଖ ଦୁଃଖରେ ଅଛି ଏବଂ ରହିଥିବା ବୋଲି ସେ ମତ ଦେଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ବିଦ୍ୟାଳୟଗୁଡିକରେ ତାଲା ଝୁଲୁଥିବାବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ବିଦ୍ୟାଳୟସ୍ତରୀୟ ୯ମ ପ୍ରତିଷ୍ଠା ଦିବସ

**ନୂଆଗାଁ, ୧୬।୯ (ଧନେଶ୍ୱର ସାହୁ)**



ମଞ୍ଚାସୀନ ଅତିଥି ବୃନ୍ଦ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ ପରିସରରେ ଶନିବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଦ୍ୟାଳୟସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୨୦୧୫ ସେପ୍ଟେମ୍ବର ୧୯ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା। ସେହି ଅନୁସାରେ ଆସନ୍ତା ୧୯ ତାରିଖରେ ବିଦ୍ୟାଳୟସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ କରାଯିବା କଥା। କିନ୍ତୁ ସେହିଦିନ ଗଣେଶ ପୂଜା ରହିଥିବାରୁ ଶନିବାର ଉକ୍ତ ଦିବସ ପାଳନ କରାଯାଇଥିଲା। ଅନ୍ୟପକ୍ଷେ ନୂଆଗାଁ ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବା ସ୍ଥଳେ ଆଦର୍ଶ ବିଦ୍ୟାଳୟଟି ନୂଆଗାଁ ହାଇସ୍କୁଲ ପରିସର ମଧ୍ୟରେ ଚାଲୁଛି। ତେଣୁ ବିଦ୍ୟାଳୟ ସ୍ତରୀୟ ପ୍ରତିଷ୍ଠା ଦିବସ ହାଇସ୍କୁଲ ପରିସର ମଧ୍ୟରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ବିଇଓ ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ଅଧ୍ୟାପିକା ମଧୁମିତା ପଟ୍ଟନାୟକ, ନୂଆଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ଦୀପକ ରଞ୍ଜନ ରାଉତ, ନୂଆଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଳମଣୀ ନାୟକ, ଶିକ୍ଷକ ଶିଶିର କୁମାର ସାହୁ, ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଆଦର୍ଶ ବିଦ୍ୟାଳୟ ଶିକ୍ଷକ ନବ କିଶୋର ମାର୍ଥା, ଶିକ୍ଷୟିତ୍ରୀ ଇତ୍ୟାଶା ମିଶ୍ର, ଶୁଭସ୍ମିତା ମେହେର, ଦେବସ୍ମିତା ସାହୁ, ସ୍ୱର୍ଣ୍ଣପ୍ରଭା ଚାନ୍ଦ, କିର୍ତ୍ତୀକିରଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ନଦୀରେ ଭାସିଗଲେ ୨ ନାବାଳିକା, ଜଣେ ଉଦ୍ଧାର

**କୋଟଗଡ଼, ୧୬।୯ (ସରୋଜ ବଲିୟାରସିଂ)**

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ଜୁଡ଼ାବାଲିଠାରେ ଥିବା ଶ୍ରଲିଗୁଡା ନଦୀରେ ଶନିବାର ଗାଧୋଇବାକୁ ଯାଇଥିବା ୨ ଜଣ ନାବାଳିକ ଭାସିଯାଇଥିଲେ। ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ନିଖୋଜ ନାବାଳିକ ଜଣକ ହେଲେ ଚାନ୍ଦିନୀ ମଲିକ(୧୪)। ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟାରେ ଜୁଡ଼ାବାଲିର ୬ଜଣ ନାବାଳିକା ଗାଧୋଇବା ପାଇଁ ଶ୍ରଲିଗୁଡା ନଦୀକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ନଦୀର ପ୍ରଖର ସ୍ରୋତରେ ଅଳନ୍ତି ଗାଉଁଟିଆ ଓ ଚାନ୍ଦିନୀ ଭାସିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଳନ୍ତି ଗାଉଁଟିଆ ଉଦ୍ଧାର ହୋଇଥିବା ବେଳେ ଚାନ୍ଦିନୀ ନିଖୋଜ ଅଛନ୍ତି। ଏ ନେଇ କୋଟଗଡ଼ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ଖୋଜାଖୋଜି ଜାରି ରହିଛି।

## ଆଟେଣ୍ଡାଣ୍ଟ ଆଶ୍ରୟସ୍ଥଳୀ, କର୍ମଚାରୀ କ୍ୱାର୍ଟର୍ସ ଉଦ୍‌ଘାଟିତ

**ନୟାଗଡ଼, ୧୬।୯ (ଲୋକନାଥ ମିଶ୍ର)**



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ ଆଶ୍ରୟସ୍ଥଳୀ ଓ କର୍ମଚାରୀ କ୍ୱାର୍ଟର୍ସ ଶନିବାର ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଓ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ଉଦ୍‌ଘାଟନରେ ୨କୋଟି ୨୭ଲକ୍ଷ ୯୯ ହଜାର ବ୍ୟୟରେ ଆଟେଣ୍ଡାଣ୍ଟ ଆଶ୍ରୟସ୍ଥଳୀ ଏବଂ ୨ କୋଟି ୫ ଲକ୍ଷ ୬୨ ହଜାର ବ୍ୟୟରେ ଡି ଟାଇପ କ୍ୱାର୍ଟର୍ସ ରହିଛି। ସେହିଭଳି ୧କୋଟି ୭୭ ଲକ୍ଷ ୩୭ ହଜାର ବ୍ୟୟରେ ଇ ଟାଇପ କ୍ୱାର୍ଟର୍ସ, ୧କୋଟି ୧୫ ଲକ୍ଷ ୫୯ ହଜାର ବ୍ୟୟରେ ଏଫ ଟାଇପ କ୍ୱାର୍ଟର୍ସ ମଧ୍ୟ ରହିଛି। ଅନ୍ୟପକ୍ଷେ ଚକ୍ଷୁ ବିଭାଗ ଉପର ମହଲାରେ ୯୫ ଲକ୍ଷ ୩୯ ହଜାର ବ୍ୟୟରେ ଏକ କୋଠା ପାଇଁ ଶିଳାନ୍ୟାସ ହୋଇଛି। ଏହି ଅବସରେ ଏକ ସଭା ଅନୁଷ୍ଠିତ ସଭାରେ ବିଧାୟକ ସାହୁ କହିଥିଲେ, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ଭାରତ ବର୍ଷରେ ୬ ହଜାର କୋଟି ଖର୍ଚ୍ଚ ହେଉଥିବାବେଳେ ରାଜ୍ୟ ସରକାର ବିଏସ୍‌କେୱାଇ ଯୋଜନାରେ ୩ ହଜାର କୋଟି ଖର୍ଚ୍ଚ କରୁଛନ୍ତି। ପୂର୍ବରୁ ରାଜ୍ୟରେ ୩ଟି ମେଡିକାଲ କଲେଜ ଥିବାବେଳେ ମୁଖ୍ୟମନ୍ତ୍ରୀ ଏହାର ସଂଖ୍ୟା ୧୩ରେ ପହଞ୍ଚାଇଥିବାରୁ ଆଉ କିଛି ମାସ ପରେ ଡାକ୍ତରଙ୍କ ଅଭାବ ଦୂର ହୋଇଯିବ। ଅନ୍ୟତମ ଅତିଥି ଭାବେ ସିଡିଏମ୍‌ଓ ରମାକାନ୍ତ ପଣ୍ଡା, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଓ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ ସଦସ୍ୟ ସୁବାଶ କଅଁର, ଆଶିଷ ଅଗ୍ରୱାଲ, ସରୋଜ ରଣସିଂ, ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଓଝା, ସହକାରୀ ଯନ୍ତ୍ରୀ କିଶୋର ଶତପଥୀ ଉପସ୍ଥିତ ଥିଲେ।

## ଶିକ୍ଷାନୁଷ୍ଠାରେ ସ୍ୱାସ୍ଥ୍ୟସେବା ଶିବିର

**ଖଣ୍ଡପଡ଼ା, ୧୬।୯ (ଅଜୟ କୁମାର ମହାରଣା)**

ଖଣ୍ଡପଡା ଓମ୍ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଶୁକ୍ରବାର ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ପ୍ରଦୀପ୍ତ କିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କଟକ ଓଲଟପୁରସ୍ଥିତ ଚିକିତ୍ସାଳୟରୁ ଡ.ପ୍ରିତମ ମହାପାତ୍ର ଓ ଡ.କମଳାକାନ୍ତ ରାଉତରାୟ ଶିବିରରେ ଉପସ୍ଥିତ ରହି ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ରୁପେ ଖଣ୍ଡପଡ଼ା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାଏକ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରିୟାଦିନ ଫାଉଣ୍ଡେଶନ ଟ୍ରଷ୍ଟର ସମ୍ପାଦକ ପବିତ୍ର ମୋହନ ସାହୁଙ୍କ ସମେତ ଅନୁଷ୍ଠାନର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସ୍ୱାସ୍ଥ୍ୟ ସେବା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଅଭିଜ୍ଞ ଡ଼ାକ୍ତରମାନଙ୍କ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ଦ୍ୱାରା ପରୀକ୍ଷା ପରେ ଯେଉଁ ବିଦ୍ୟାର୍ଥୀମାନଙ୍କ କିଛି ସମସ୍ୟା ଅଛି ସେ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ ଅବଗତ କରିଛନ୍ତି ।

## ରାସ୍ତାକଡ଼ରୁ ଉଦ୍ଧାର ଯୁବକଙ୍କ ମୃତ୍ୟୁ, ହତ୍ୟା ସନ୍ଦେହ

**ବ୍ରହ୍ମପୁର, ୧୬।୯ (ସୁବାସ ଚନ୍ଦ୍ର ପାଢ଼ୀ)**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଟାଟାବେଞ୍ଚ ଛକ ରାସ୍ତା କଡ଼ରୁ ଉଦ୍ଧାର ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ମୁଣ୍ଡରେ ଲାଗିଥିବା ପ୍ରବଳ ଆଘାତରୁ ମୃତ ଘଟିଥିବା ମେଡିକାଲ ଲିଗାଲ କେସ (ଏମଏଲସି) ରିପୋର୍ଟରେ ଦର୍ଶାଯାଇଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ଆନୁମାନିକ ୩୦ ବର୍ଷ ହେବ ବୋଲି ପୋଲିସ କହିଛି। ଏ ନେଇ ମେଡିକାଲ ଫାଣ୍ଡିରେ ୫୭୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ କରିବା ପାଇଁ ପୋଲିସ ୪ଦିନ ପାଇଁ ମୃତଦେହ ସଂରକ୍ଷଣ ଗୃହରେ ସଂରକ୍ଷିତ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଟାଟାବେଞ୍ଚ ଛକ ରାସ୍ତା କଡରେ ଜଣେ ଯୁବକ ଅଚେତ ଅବସ୍ଥାରେ ପଡିଥିଲେ। ଖବର ପାଇ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ଗୁରୁତର ଥିବା ଯୁବକଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତ୍ର ୧୦ଟା ୩୦ରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଯୁବକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କେହି ତାଙ୍କୁ ଟାଟା ବେଞ୍ଚ ଛକରେ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ବିଭିନ୍ନ ଦିଗକୁ ଓ ଟାଟାବେଞ୍ଚରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି। ମୃତ ଯୁବକଙ୍କ ପରିଚୟ ଜଣାପଡିଲେ ତାଙ୍କ ମୃତ୍ୟୁର କାରଣ ଜଣାପଡିବ। ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ କରିବା ପାଇଁ ସମସ୍ତ ଥାନାକୁ ଏନେଇ ଖବର ଦିଆଯାଇଛି ବୋଲି ଫାଣ୍ଡିଧିକାରୀ ଭୈରବ କୁମାର ଭୂୟାଁ ସୂଚନା ଦେଇଛନ୍ତି।

## ସିଡିଏମ୍ ଅଫିସ ସମ୍ମୁଖରେ ଆଶାକର୍ମୀଙ୍କ ଗଣବିକ୍ଷୋଭ

**ନୟାଗଡ଼, ୧୬।୯ (ଲୋକନାଥ ମିଶ୍ର)**


ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସିଟୁ ନେତୃତ୍ୱ ରେ ୨୩ ଦଫା ଦାବି ନେଇ ଆଶାକର୍ମୀ ଶନିବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମଧ୍ୟାହ୍ନରେ ସିନ୍ଦୁରିଆ ଛକରୁ ଶତାଧିକ ଆଶାକର୍ମୀ ଲାଲ ଝଣ୍ଡାର ଶୋଭାଯାତ୍ରାରେ ବାହାରି ନୟାଗଡ଼ ବଜାର ପରିକ୍ରମା କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ସଭାପତି ଚାପଧାରି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବକ୍ତାମାନେ କେନ୍ଦ୍ର ମୋଦି ସରକାର ଓ ରାଜ୍ୟ ନବୀନ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଆଶା କର୍ମୀମାନେ କେରଳ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ୧୦ ହଜାରରୁ ୧୮ ହଜାର ଟଙ୍କା ମାସିକ ପାଉଛନ୍ତି। ହେଲେ ଏକ ନମ୍ବର ମଖ୍ୟମନ୍ତ୍ରୀ ନବୀନବାବୁଙ୍କ ରାଜ୍ୟରେ ମାତ୍ର ମାସିକ ୩୫୦୦ ଟଙ୍କାରେ ସୀମିତ ରହିଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଦୀର୍ଘ ୧୭ବର୍ଷ ହେଲା ଆଶା କର୍ମୀମାନେ ନିଜକୁ ଜନତାଙ୍କ ସେବାରେ ନିୟୋଜିତ କରିଥିଲା ବେଳେ ସରକାର ଆଶା କର୍ମୀଙ୍କୁ ଏଯାବତ ନିୟମିତ କଲେ ନାହିଁ କି ସର୍ବନିମ୍ନ ଦରମା ମଧ୍ୟ ଦେଲେ ନାହିଁ। ଫଳରେ ଆଶା କର୍ମୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି ବୋଲି ବକ୍ତାମାନେ କହିଥିଲେ। ଉଭୟ ସରକାର ତୁରନ୍ତ ଆଶାକର୍ମୀଙ୍କ ଦୁଃଖ ଲାଘବ କରିବା ସହ ଚାକିରିର ସ୍ଥାୟୀକରଣ, ମାସିକ ୨୬ ହଜାର ଟଙ୍କା ଦରମା, ମାସିକ ୧୦ ହଜାର ଟଙ୍କା ପେନସନ, ମୃତ୍ୟୁକାଳୀନ ଓ ଅବସରକାଳୀନ ସହାୟତା ୮ ଲକ୍ଷ ଟଙ୍କା ଓ ସାମାଜିକ ସୁରକ୍ଷା ଆଦି ତୁରନ୍ତ ଯୋଗାଇ ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷେ ୧୦ ତାରିଖ ମଧ୍ୟରେ ପ୍ରୋତ୍ସାହନ ରାଶି ଓ ତା'ର ସବିଶେଷ ତଥ୍ୟ ଆଶା କର୍ମୀଙ୍କୁ ପ୍ରଦାନ କରିବା ଓ ପୂର୍ବରୁ ବହିଷ୍କୃତ ନୋଉର ଗ୍ରାମର ନ୍ୟାୟାଳୟ ଦ୍ୱାରା ନିର୍ଦ୍ଦୋଶ ହୋଇଥିବା ଆଶା କର୍ମୀ ଭାନୁମତୀ ନାୟକଙ୍କୁ ପୁନର୍ବାର ନିଯୁକ୍ତି ଦାବି ରହିଛି। ସେହିଭଳି ସମସ୍ତ ବକେୟା ପାଉଣା ତୁରନ୍ତ ଆଶା କର୍ମୀଙ୍କୁ ଦେବା ପାଇଁ ଦାବି ରହିଛି। ସରକାର ଦାବି ପୂରଣ କରିବାରେ ବିଳମ୍ବ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଷଡଙ୍ଗୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

# ପ୍ରଧାନମନ୍ତ୍ରୀ କିଷାନ ସହାୟତାରୁ ବଞ୍ଚିତ ହେବେ ଚାଷୀ

**ରସୁଲପୁର, ୧୬।୯ (ରଞ୍ଜିତ ରାଉତ)**




ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ ୬ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଇ-କେୱାଇସି(ଅନ୍‌ଲାଇନରେ-ନୋ ୟୋର କଷ୍ଟମର) ଯାଞ୍ଚ ହୋଇନାହିଁ । ଉକ୍ତ ଚାଷୀମାନେ ତୁରନ୍ତ ଜନସେବା କେନ୍ଦ୍ର ଓ ମୋ ସେବାକେନ୍ଦ୍ରକୁ ଯାଇ ଇ-କେୱାଇସିକୁ ଯାଞ୍ଚ କରାଇ ନେବାକୁ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ବିଳମ୍ବ ହେଲେ ସମ୍ପୃକ୍ତ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସହାୟତାରୁ ବଞ୍ଚିତ ହେବ ବୋଲି କୁହାଯାଉଛି । ଏହାଛଡା କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଚାଷ ସମ୍ପର୍କିତ ରିହାତି ସହାୟତା ସେମାନଙ୍କ ଜମାଖାତାକୁ ଡିବିଟି/ଏବିପିଏସ ଜରିଆରେ ପ୍ରଦାନ କରିବା ସମ୍ଭବପର ହୋଇପାରିବ ନାହିଁ। ତୁରନ୍ତ ଚାଷୀମାନେ ସେମାନଙ୍କ ଇ-କେୱାସିକୁ ଯାଞ୍ଚ କରାଇ ଚାଷୀ ପଞ୍ଜିକରଣ ପୋର୍ଟାଲକୁ ଅପ୍ ଟୁ ଡେଟ୍ କରାଇନେବା ଉପରେ ଗୁରୁତ୍ୱ କୁହାଯାଉଛି। ଏ ଦିଗରେ ତୃଣମୂଳସ୍ତରରେ କାର୍ଯ୍ୟରତ କୃଷି କର୍ମଚାରୀମାନେ ଚାଷୀମାନଙ୍କୁ ସଚେତନ କରାଇବା ସହ ପଞ୍ଚାୟତର ଜନ ପ୍ରତିନିଧିଙ୍କ ଜରିଆରେ ଚାଷୀମାନଙ୍କୁ ସୂଚନା ଦେବାକୁ ବ୍ଲକ କୃଷି ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

ରସୁଲପୁର ବ୍ଲକରେ ଭୂମୀହୀନ ଚାଷୀ ପରିବାରକୁ ବାଦ୍ ଦେଲେ ପ୍ରାୟତଃ ୩୦ହଜାରରୁ ଊର୍ଦ୍ଧ୍ୱ ଚାଷୀ ପରିବାର ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଜରିଆରେ ଆର୍ଥିକ ସହାୟତା ପାଉଛନ୍ତି । ତେବେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କାଳିଆ ଯୋଜନାରେ ସାମିଲ ହେବା ନେଇ ଜନ ଅଭିଯୋଗ ଶୁଣାଣି କରାଯାଉଛି । ଏହି ଜରିଆରେ ବ୍ଲକ ଅଞ୍ଚଳରୁ ଶତାଧିକ ଯୋଗ୍ୟ ହିତାଧିକାରୀ

### ରସୁଲପୁର ବ୍ଲକରେ ୬ହଜାରୁ ଊର୍ଦ୍ଧ୍ୱ ଚାଷୀଙ୍କ ହୋଇନି ଇ-କେୱାଇସି




କାଳିଆ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀମାନଙ୍କୁ କାଳିଆ ସହାୟତା ପ୍ରଦାନ କରିବା ପାଇଁ ଯୋଜାନରେ ଅନ୍ତର୍ଭୁକ୍ତ କରାଯାଉଛି । ଉକ୍ତ ହିତାଧିକାରୀମାନେ ପିଏମ୍ କିଷାନ ଯୋଜନାରେ ସାମିଲ କରିବା ସମୟରେ ଇ-କେୱାସିର ଆବଶ୍ୟକତା ପଡୁଛି । ଆଧାର ନମ୍ବର ସହ ଚାଷୀର ମୋବାଇଲ ନମ୍ବର ସଂଯୋଗ କରାଯାଇଥିଲେ ଇ-କେୱାସି ଅତି ସହଜରେ ହୋଇପାରୁଛି । କେତେଜଣ ଚାଷୀଙ୍କ ଅଦ୍ୟାବଧି ଆଧାର ସହ ମୋବାଇଲ ନମ୍ବର ସଂଯୋଗ ହୋଇନାହିଁ କି ଇ-କେୱାସି ନିୟମକୁ ପାଳନ କରାଯାଇ ନାହିଁ । ଏହି କାରଣରୁ ବ୍ଲକ ଅଞ୍ଚଳରୁ ଶତାଧିକ ଚାଷୀ ପିଏମ୍ କିଷାନରୁ ବଞ୍ଚିତ ହେଉଥିବା କୁହାଯାଉଛି। ପ୍ରତ୍ୟେକ ଚାଷୀ ସେମାନଙ୍କ ପଞ୍ଚାୟତରେ କାର୍ଯ୍ୟରତ କୃଷକସାଥୀ, ଗ୍ରାମ କୃଷି କର୍ମଚାରୀମାନଙ୍କ ନିକଟରେ ଇ-କେୱାଇ ତାଲିକାକୁ ଯାଞ୍ଚ କରି ନିଅନ୍ତୁ । ଯେଉଁମାନଙ୍କର ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରି ନାହିଁ ସେମାନେ ତୁରନ୍ତ ସେବାକେନ୍ଦ୍ରକୁ ଯାଇ ଆଧାର କାର୍ଡ ସହ ଆବଶ୍ୟକ ଅନ୍ୟ ପ୍ରମାଣପତ୍ର ପ୍ରଦାନକରି ଯୋଜନାରେ ସାମିଲ ହେବାକୁ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ନିବେଦନ କରାଯାଇଛି ।

# ବିଜୁ ସେତୁକୁ ସଂଯୋଗୀକରଣ ରାସ୍ତା ନାହିଁ


କେନାଲ ବନ୍ଧରେ ବିଜୁ ସେତୁକୁ ସଂଯୋଗୀକରଣ ରାସ୍ତା ନିର୍ମାଣ ଅଧାପନ୍ତରିଆ।

**ମହାକାଳପଡ଼ା, ୧୬।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ବାଧକ ସାଜିଛି ବିଦ୍ୟୁତ୍ ଖୁଣ୍ଟ ଓ ବେଆଇନ ଜାଗା ଦଖଲ
- ସେତୁ ଅଧାପାନ୍ତରିଆ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମୁଖ୍ୟାଳୟଠାରୁ ୨ ଶହ ମିଟର ଦୂରରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ନିର୍ମାଣ କାମଶେଷ ହୋଇଛି। ବର୍ଷରୁ ଅଧିକ ହେବ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଉତ୍ତର ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତା ଅଧାପାନ୍ତରିଆ ହୋଇରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହା ସଂଯୋଗୀକରଣ ରାସ୍ତା ଶେଷ ହେଲେ ସର୍ବସାଧାରଣ ଯାତାୟତ ପାଇଁ ସୁବିଧା ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି। ଅପର ପକ୍ଷରେ ଏହି ସେତୁ ସଂଯୋଗୀ କରଣ ରାସ୍ତା ନିର୍ମାଣ କାର୍ଯ୍ୟରେ ବିଦ୍ୟୁତ୍ ଖୁଣ୍ଟ ଓ ବେଆଇନ ଦଖଲ ଗୃହ ନିର୍ମାଣ ବାଧକ ସାଜିଛି। ଫଳରେ ଏହି ପ୍ରକ କକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନି ବୋଲି କୁହାଯାଇଛିୟ ଏହି ସେତୁ ର୍ନିମାଣ କାର୍ଯ୍ୟ ଠିକାଦାର ଙ୍କ ମନ୍ ମାନି ଯୋଗୁଁ ସେତୁ ସଂଯୋଗୀ ରାସ୍ତା ଅଧାପନ୍ତରିଆ ହୋଇ ପଡ଼ିଛି ବୋଲି ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ବିଦ୍ୟୁତ୍ ଖୁଣ୍ଟ ଓ ବେଆଇନ ଜମି ଗୃହ ଉଚ୍ଛେଦ ହେବା ପରେ ସଂଯୋଗୀକରଣ ରାସ୍ତା ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ସେତୁ ନିର୍ମାଣରେ ୩ କୋଟିରୁ ଅଧିକ ବ୍ୟୟବରାଦ ହୋଇଥିଲେ ମଧ୍ୟ ଅଦ୍ୟାବଧି ପ୍ରକଳ୍ପର କେବେ କାର୍ଯ୍ୟକାରୀ ହେବ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ପଥଚାରୀମାନେ ବାଧ୍ୟ ହୋଇ ଏହି ସେତୁ ଉପରେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନା ଅନୁସାରେ, ୨ ସପ୍ତାହ ପୂର୍ବେ ଏହି ସେତୁ ସଂଯୋଗୀକରଣ ରାସ୍ତା ପାର୍ଶ୍ୱରେ କାଦୁଅ ଖସଡ଼ା ହୋଇଥିବାରୁ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ହୋଇଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଡିଭିଜନ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ କୁମାର ପ୍ରଧାନଙ୍କୁ ପଚାରିବାରେ ବର୍ଷା ଦିନରେ ସମସ୍ୟା ଉପୁଜିଛି। ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବିଶ୍ୱକର୍ମା, ଗଣେଶ ପୂଜା ପାଇଁ ଚଳଚଞ୍ଚଳ କୁମ୍ଭାରସାହି

**କେନ୍ଦ୍ରାପଡ଼ା, ୧୬।୯ (ଜଗନ୍ନାଥ ଧଳ)**

ରବିବାର ବିଶ୍ୱକର୍ମା ପୂଜା। ସେହିପରି ଗଣେଶ ପୂଜା ଆସନ୍ତା ୧୯ ତାରିଖରେ ଅଛି। ଏଥିପାଇଁ କେନ୍ଦ୍ରାପଡ଼ା ସହରର କୁମ୍ଭାରସାହି ଚଳଚଞ୍ଚଳ ହୋଇପଡ଼ିଛି। ଉଭୟ ମୃଣ୍ମୟ ମୂର୍ତ୍ତିର ଶେଷ ସ୍ପର୍ଶ ପାଇଁ କାରିଗରମାନେ ତତ୍ପର ହୋଇଛନ୍ତି। ଛୋଟରୁ ବଡ଼ ମୂର୍ତ୍ତିରେ ରଙ୍ଗ ଦେବା ପାଇଁ ଦିନରାତି ଏକାକାର କରିଛନ୍ତି।

ଏ ସମ୍ପର୍କରେ ୫୨ ବର୍ଷୀୟ ପ୍ରଭାତ ବେହେରା କହିଛନ୍ତି, ଏବେଠାରୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଚାଲିବ। ମୂର୍ତ୍ତି ନିର୍ମାଣରେ ପ୍ରାୟ ୪ ଦଶନ୍ଧି ଧରି ପାରିବାରିକ ବୃତ୍ତିରେ ଅଛନ୍ତି। ମାଟି ଉଠାଠାରୁ ମୂର୍ତ୍ତି ହସ୍ତାନ୍ତର ପର୍ଯ୍ୟନ୍ତ ପରିବାର ସଦସ୍ୟଙ୍କ ସହ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ତେବେ ଉପଯୁକ୍ତ ପାରିଶ୍ରମିକ ମିଳିବା ନେଇ ଏବେ ବି ଆଶଙ୍କା ଅଛି। ଉପଯୁକ୍ତ ଚିହ୍ନଟ ମାଟି ଉଠାଣଠାରୁ ରଙ୍ଗ ପର୍ଯ୍ୟନ୍ତ ଖର୍ଚ୍ଚ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ ହେଉଛି। ସେହିପରି ମୂର୍ତ୍ତି ବିକ୍ରିରେ ସମସ୍ୟା ହେଲେ ଆର୍ଥିକ ଦୁର୍ଗତି ଭୋଗିବାକୁ ପଡୁଛି । ଏହି କୌଳିକ ବୃତ୍ତିକୁ ଏବେ ସରକାରୀ ପ୍ରୋତ୍ସାହନ ମିଳିବ ବୋଲି ଶୁଣାଯାଉଛି। ଏହା ନିର୍ବାଚନୀ ପ୍ରତିଶ୍ରୁତି ନ ହେଉ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପ୍ରଭାକର ବେହେରା କୁହନ୍ତି, ୩ ଦଶନ୍ଧି ପୂର୍ବେ କୁମ୍ଭାରସାହିର ପ୍ରାୟ ୧୨୦ ଘର ମୂର୍ତ୍ତି ନିର୍ମାଣ କରୁଥିଲେ। ଏବେ ଏହି ସଂଖ୍ୟା ୪୦କୁ ଖସିଆସିଛି। ପୂର୍ବରୁ କଞ୍ଚାମାଲ ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରାଯାଉଥିଲା। ଏବେ ବଜାରରେ ପ୍ରତିଯୋଗିତା ବଢ଼ିଚାଲିଛି। ଆକର୍ଷଣୀୟ ମୂର୍ତ୍ତି ପାଇଁ ବହୁ ମୂଲ୍ୟ ଦେଇ ରଙ୍ଗ ଓ ସାମଗ୍ରୀ କିଣିବାକୁ ପଡୁଛି। ଉପଯୁକ୍ତ ଅର୍ଥ ମିଳୁ ନ ଥିବାରୁ ଯୁବବର୍ଗ ଏହି କୌଳିକ ବୃତ୍ତି ଗ୍ରହଣ କରିବାକୁ ରାଜି ହେଉନାହାନ୍ତି। ଏପରି କି ମୂର୍ତ୍ତି ନିର୍ମାଣ ଅପେକ୍ଷା କର୍ମ ଅନ୍ୱେଷଣରେ ଯୁବବର୍ଗ ବାହାରକୁ ଯାଉଛନ୍ତି। ତେବେ ବଜାର ଚାହିଦା ଅନୁଯାୟୀ ମୂର୍ତ୍ତି ନିର୍ମାଣ କରାଯାଉଛି। ଗ୍ରାମର ବାସନ୍ତୀ ବେହେରା କହିଛନ୍ତି, ମୂର୍ତ୍ତିର ରଙ୍ଗ ଓ ଆଭୂଷଣ ସେଟିଂରେ ଘରର ମହିଳା ଓ ପିଲାଙ୍କର ଭୂମିକା ବେଶି। ପରିବାର ସଦସ୍ୟଙ୍କ ସହଯୋଗ ଦ୍ୱାରା ଠାକୁରଙ୍କ ମୂର୍ତ୍ତି ବିକି ଦୁଇ ପଇସା ପାଉଛୁ। ସେହିପରି ଦୀପାବଳି ପାଇଁ ଦୀପ, ମାଟି ହାଣ୍ଡି ଠାରୁ ଟେରାକୋଟା ମୂର୍ତ୍ତି ଏଠାରେ ନିର୍ମାଣ ହେଉଥିବା ସେ କହିଛନ୍ତି।


ଗଣେଶ ପୂଜା ପାଇଁ ଜଣେ ଶିଳ୍ପୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧୮ କୋଟି ୨୭ ଲକ୍ଷ ଟଙ୍କା ମଞ୍ଜୁର

**ଧର୍ମଶାଳା, ୧୬।୯ (ବଟକୃଷ୍ଣ ପରିଡ଼ା ):**

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଯାଜପୁର ଜିଲାର ୬ ବ୍ଲକରେ ୩୧୭ ପ୍ରକଳ୍ପ ପାଇଁ ପ୍ରଥମ ଦଫାରେ ସରକାରଙ୍କ ପ୍ଲାନିଂ ଆଣ୍ଡ କନଭେନ୍ସ ଡିପାର୍ଟମେଣ୍ଟ ଚିଠି ସଂଖ୍ୟା ୧୬୫୯୯ ତା ୧୦।୯।୨୦୨୩ରେ ୧୮ କୋଟି୨୭ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଛି। ସେଥିମଧ୍ୟରୁ ଧର୍ମଶାଳା ବ୍ଲକରେ ୪୬ ପ୍ରକଳ୍ପ ପାଇଁ ୨ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭି.କେ. ପାଣ୍ଡିଆନ ଅଗଷ୍ଟ ୨୯, ୩୧ ଓ ସେପ୍ଟେମ୍ବର ୧ରେ ବିଭିନ୍ନ ବ୍ଲକରେ ଜନଶୁଣାଣିରେ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଗତ ୩୧ ତାରିଖରେ ଭି.କେ.ପାଣ୍ଡିଆନ ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ଜନଶୁଣାଣୀରେ ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଅଭିଯୋଗ ଆଧାରରେ ୪୬ ପ୍ରକଳ୍ପ ମଧ୍ୟରୁ ପ୍ରଥମ ଦଫାରେ କମ୍ୟୁନିଟି ସେଣ୍ଟର, ଖେଳପଡିଆ, କୋଠଘର, ମନ୍ଦିର,ବିଜୁ ମିଶନ ଶକ୍ତି କାଫେ, କଲ୍ୟାଣ ମଣ୍ଡପ, ଲାଇବ୍ରେରୀ ଆଦି ପ୍ରକଳ୍ପଗୁଡିକୁ ଗୁରୁତ୍ୱ ଦିଆଯାଇଛି । ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ପ୍ରକଳ୍ପ ନିମନ୍ତେ ସରକାର ପ୍ରଥମ ଦଫାରେ ୨ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଜିଲା ଶିକ୍ଷା ବିଭାଗରେ ମନମାନି, ଶିକ୍ଷାଦାନ ହୋଇପାରୁନି



**ପଟ୍ଟାମୁଣ୍ଡାଇ, ୧୬।୯ (କଳ୍ପତରୁ ନାୟକ)**

### ପଟ୍ଟାମୁଣ୍ଡାଇ ବନ୍ତୋପାଟଣା ଆଦର୍ଶ ବିଦ୍ୟାଳୟ

- ୬ମାସ ହେବ ନୂତନ ଗୃହ ହସ୍ତାନ୍ତର ହୋଇଛି
- ଟେବୁଲ, ବେଞ୍ଚ ପଡ଼ିନାହିଁ

ପଟ୍ଟାମୁଣ୍ଡାଇ ବ୍ଲକରେ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ରାଜ୍ୟ ସରକାର ଚନ୍ଦନନଗର ପଞ୍ଚାୟତ ବନ୍ତୋପାଟଣାଠାରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ପ୍ରାୟ ୧୧ କୋଟି ୭୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ହସ୍ତାନ୍ତର ହୋଇ ନ ଥିବା ଯୋଗୁ ଶିକ୍ଷାଦାନ ହୋଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବନ୍ତୋପାଟଣାଠାରେ ପ୍ରତିଷ୍ଠା କରାଯାଇଥିବା ଆଦର୍ଶ ବିଦ୍ୟାଳୟ ଗୃହରେ ଶିକ୍ଷାଦାନ କରା ନ ଯାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଡାଠାରେ ଅସ୍ଥାୟୀ ଭାବେ ପଟ୍ଟାମୁଣ୍ଡାଇ ଆଦର୍ଶ ବିଦ୍ୟାଳୟ ଶିକ୍ଷାଦାନ ଚାଲୁ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏ ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁଲାଇ ୩୧ରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲାପାଳ ଜିଲା ଶିକ୍ଷାଧିକାରୀ ଆସନ୍ତା ଅଗଷ୍ଟ ୧୫ରେ ବନ୍ତୋପାଟଣା ଆଦର୍ଶ ବିଦ୍ୟାଳୟ ନବନିର୍ମିତ ଗୃହରେ ଆଦର୍ଶ ବିଦ୍ୟାଳୟ ଯଥାରୀତି ଚାଲିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବସ୍ତୁତଃ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଆଦର୍ଶ ବିଦ୍ୟାଳୟ ଗୃହକୁ ଗତ ୬ ମାସ ହେବ ଜିଲା ଶିକ୍ଷା ବିଭାଗକୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଜିଲା ଶିକ୍ଷାଧିକାରୀଙ୍କ ଉଦାସୀନ ମନୋଭାବ ଯୋଗୁ ଉକ୍ତ ଆଦର୍ଶ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀ ଗୃହ ପାଇଁ ଡେସ୍କ, ବେଞ୍ଚ ସହ ଅନୁଷଙ୍ଗିକ ବ୍ୟବସ୍ଥା ହୋଇ ନ ଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରାଯାଇପାରୁନାହିଁ। ଗତ ଜନଶୁଣାଣି ଶିବିରରେ ଅଭିଯୋଗ ଉପରେ ଜିଲାପାଳ ଅମୃତ ଋତୁରାଜ ତୁରନ୍ତ ନୂତନ ଗୃହରେ ଶିକ୍ଷାଦାନ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେବା ପରେ ଅଗଷ୍ଟ ୧୫ସୁଦ୍ଧା ଶିକ୍ଷାଦାନ ଆରମ୍ଭ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତିରେ ରହିଯାଇଛି। ଯାହା ଫଳରେ ଆଦର୍ଶ ବିଦ୍ୟାଳୟ ନୂତନ ଗୃହରେ ଶିକ୍ଷାଦାନ ନ ହୋଇ ଅସ୍ଥାୟୀ ଭାବେ କଷଣଅଣ୍ଡା ହାଇସ୍କୁଲରେ ଶିକ୍ଷାଦାନ ଚାଲିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଖେଳିବା ସଙ୍ଗେ ସମାନ ବୋଲି ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ଚନ୍ଦନନଗର ପଞ୍ଚାୟତ ବନ୍ତୋପାଟଣାଠାରେ ନବନିର୍ମିତ ଆଦର୍ଶ ବିଦ୍ୟାଳୟ ଶ୍ରେଣୀ ଗୃହ ପାଇଁ ଡେସ୍କ, ବେଞ୍ଚ ଶୀଘ୍ର ନିର୍ମାଣ କରି ଶିକ୍ଷାଦାନ ଆରମ୍ଭ କରିବା ଦିଗରେ ଜିଲାପାଳ ଓ ଜିଲାଶିକ୍ଷାଧିକାରୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଚନ୍ଦ୍ରକାନ୍ତ


@ ଈଶାନ


@ ଓମ୍‌ପ୍ରକାଶ


@ ଶକ୍ତିପ୍ରସନ


@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିପିଏଲ୍ ପରିସରରେ ଜିଲାସ୍ତରୀୟ ଖେଳ ଆରମ୍ଭ

**ପାରାଦୀପ, ୧୬।୯ (ଶରତ ରାଉତ)**

ପାରାଦୀପ ପିପିଏଲ ଡିଏଭି ସ୍କୁଲ ପରିସରରେ ଜିଲାସ୍ତରୀୟ ଖେଳ ଶନିବାର ଆରମ୍ଭ ହୋଇଛି। ଏଥିରେ ଜିଲାର ୮ ବ୍ଲକରୁ ୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଠାରେ ବିଚ ଭଲିବଲ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଚେସ ଓ ବାସ୍କେଟବଲ ଖେଳ ହେଉଛି। ପିପିଏଲ ଅର୍ଥ ବିଭାଗ ପରିଚାଳକ ପ୍ରଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ବରିଷ୍ଠ ଅଧିକାରୀ ସଂଗ୍ରାମ ସ୍ୱାଇଁ, ଅଶ୍ୱିନୀ ରାଉତରାୟ, ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ଶାରୀରିକ ଶିକ୍ଷାଧିକାରୀ ବିଦ୍ୟାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋଚ ଶାଶ୍ୱତ ଭାରତୀୟଙ୍କ ନେତୃତ୍ୱରେ ଏହି କ୍ରୀଡ଼ା ଆୟୋଜନ କରାଯାଇଛି।

# ସଭ୍ୟଙ୍କ ଅନୁପସ୍ଥିତି ପାଇଁ ବୈଠକ ବାତିଲ ଦାବି



ଜିଲା ପରିଷଦ ସାଧାରଣ ଅଧିବେଶନରେ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

ନୟାଗଡ,୧୬।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଷଷ୍ଠ ଜିଲା ପରିଷଦର ପଞ୍ଚମ ସାଧାରଣ ଅଧିବେଶନ ଶନିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଉପାଧ୍ୟକ୍ଷା, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ସୁଚାରୁ କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ। ୨୪ଜଣ ଜିଲା ପରିଷଦ ସଭ୍ୟଙ୍କ ମଧ୍ୟରୁ ୧୧ଜଣ ଅନୁପସ୍ଥିତ ଥିବାରୁ ଜିଲା ପରିଷଦ ଅଧିବେଶନ ବାତିଲ କରିବାକୁ ଦାବି ହୋଇଥିଲା। ତେବେ ଏକ ସ୍ୱତନ୍ତ୍ର ଅଧିବେଶନ କରିବାକୁ ସର୍ବସମ୍ମତି କ୍ରମେ ମତପ୍ରକାଶ ପାଇବା ପରେ ବୈଠକ ବାତିଲ ନ କରି ଚାଲୁ ରହିଥିଲା।

ଜିଲାରେ ବିଭିନ୍ନ ଧାନ ମଣ୍ଡିରେ ଧାନ କିଣା କମିଶନ ୪ ବର୍ଷ ହେଲା ପ୍ୟାକ୍ସ ଓ ବାହାଡ଼ାଖୋଲା ନିୟନ୍ତ୍ରିତ ବଜାର କମିଟି ପାଇ ନ ଥିବା ଆଲୋଚନା ଜୋର ଧରିଥିଲା। ପରବର୍ତ୍ତୀ ସମୟରେ ଆଲୋଚନା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ୫-ଟି ସ୍କୁଲର ସ୍ୱଚ୍ଛତା ଓ ଅନୁଦାନ ଖର୍ଚ୍ଚ ଉପରେ ଜିଲା ପରିଷଦ ସଭ୍ୟ ପ୍ରଶ୍ନ ଉଠାଇଥିଲେ। ୫-ଟି ହାଇସ୍କୁଲର କାମ କରିବାକୁ ପ୍ରଧାନ ଶିକ୍ଷକଙ୍କ ଆକାଉଣ୍ଟକୁ ସରକାରୀ ଅନୁଦାନ ଯାଇଥିଲା। କାହା ନିର୍ଦ୍ଦେଶରେ ଏହି ଅନୁଦାନ ବିଡିଓଙ୍କ ଆକାଉଣ୍ଟକୁ ଗଲା, କିଏ ୫-ଟିର ମନିଟରିଂ ଓ ସମୀକ୍ଷା କରୁଛି, ବାରମ୍ବାର ପଚାରିଲେ ଉତ୍ତର ମିଳୁନି। ଅନ୍ୟପକ୍ଷେ ବିଡିଓଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବାକୁ କିଏ ଅନୁମତି ଦେଇଥିଲା। କାମ୍ ପୁଣି ଠିକ୍ ହେଉନାହିଁ। କାମ କିଏ କରୁଛି ତାଙ୍କ ନାଁ ଦର୍ଶାଯାଉନି। ପୁଣି କାମର ସୂଚନାଫଳକ ରହୁନି। ଟିଭି, କମ୍ପ୍ୟୁଟର ପରି ଉପକରଣ କିଏ କିଣୁଛି। ଏଭଳି ବିଭିନ୍ନ ପ୍ରଶ୍ନ ଗୃହରେ ଉଠିଥିଲା। ବିଭିନ୍ନ ବିଭାଗର ଦୁର୍ନୀତି ଓ ଭଲ ଖବର ଖବରକାଗଜରେ ପ୍ରକାଶ ପାଉଛି। ପ୍ରକାଶିତ ଖବର ଉପରେ କାର୍ଯ୍ୟାନୁଷ୍ଠାନ ହେଉନି। ଜିଲା ସୂଚନା ଓ ଲୋକ ସମ୍ପର୍କର କାର୍ଯ୍ୟ ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା। ଜିଲା ପରିଷଦ ବୈଠକରେ ଖବରକାଗଜର ଖବର ଉପରେ ଚର୍ଚ୍ଚା ହେଉଛି। ହେଲେ କାର୍ଯ୍ୟାନୁଷ୍ଠାନ ହେଉନି ବୋଲି କୁହାଯାଇଥିଲା। ଜିଲା ପରିଷଦର ବୈଠକରେ ଆଲୋଚନା ମୁତାବକ ରିଜୋଲେଶନ କରାଯାଉନି। ଯେଉଁ ରିଜୋଲେଶନ ହେଉଛି ତାକୁ କାର୍ଯ୍ୟକାରୀ କରାଯାଉନି। ଜିଲା ପରିଷଦ ସଭ୍ୟମାନେ କୌଣସି ବିଭାଗକୁ ପ୍ରଶ୍ନ କଲେ ଅଥବା ଚିଠି କଲେ ତା'ର ଉତ୍ତର ମିଳୁନି। ପୁଣି ଜିଲା ପରିଷଦ ସଭ୍ୟଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଉନି। ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ସଭା ସମିତି କରାଯାଉଥିଲେ ମଧ୍ୟ ଜିଲା ପରିଷଦ ସଭ୍ୟଙ୍କୁ ନିମନ୍ତ୍ରଣ ନାହିଁ। ତେବେ ଜିଲା ପରିଷଦ ପକ୍ଷରୁ ମଞ୍ଜୁର ଟଙ୍କା ସବୁ ବିଭାଗ ଖର୍ଚ୍ଚ କରି ଚାଲିଛନ୍ତି। କେବଳ ବର୍ଷକୁ ୪ରୁ ୫ଟି ବୈଠକ କରି ଖାଇବା, ମଉଜ ମଜିଲସରେ ଜିଲା ପରିଷଦ ସଭ୍ୟଙ୍କ କାର୍ଯ୍ୟ ଶେଷ ହୋଇ ଯାଉଛି। ଅପରପକ୍ଷେ ଜିଲା ପରିଷଦ ବୈଠକ ହେବା ସମୟରେ ସଭ୍ୟଙ୍କ ପ୍ରଶ୍ନର ଉତ୍ତର ବୁକଲେଟ ମାଧ୍ୟମରେ ଯୋଗାଇ ଦିଆଯାଉଛି। ସମୟ ସ୍ୱଳ୍ପ ଯୋଗୁ ସଭ୍ୟମାନେ ଠିକ୍ ଭାବେ ପ୍ରଶ୍ନ ଉଠାଇ ପାରୁନାହାନ୍ତି। ଏଣୁ ଜିଲା ପରିଷଦ ସଭ୍ୟ ପଚାରୁଥିବା ପ୍ରଶ୍ନର ଉତ୍ତର ବିଭାଗୀୟ ଅଧିକାରୀମାନେ ୭ଦିନ ପୂର୍ବରୁ ଦେବା ପାଇଁ ସଭ୍ୟମାନେ ପ୍ରସ୍ତାବ ରଖିଛନ୍ତି। ସେହିଭଳି ୨୦୧୯ରେ ମୁଖ୍ୟମନ୍ତ୍ରୀ ଖଣ୍ଡପଡ଼ା, ଭାପୁର, ନୟାଗଡ଼ ଓ ନୂଆଗାଁ ବ୍ଲକରେ ଘରେ ଘରେ ପାଣି ପହଞ୍ଚିବା ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ କାମ ଧିମେଇ ଧିମେଇ ଚାଲିଛି। ୨ ଥର ଅବଧି ଶେଷ ପରେ ବି କାମ ଶେଷ ହେଉନି। ସାର ସଙ୍କଟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସେହିଭଳି ଓଡ଼ିଶା କୃଷି ଶିଳ୍ପ ନିଗମ, ଉଠା ଜଳସେଚନ, କୃଷି, ଜଳସେଚନ, କ୍ଷୁଦ୍ର ଜଳସେଚନ, ଜଳ ବିଭାଜିକା, ବିଦ୍ୟୁତ୍, ଆରଡବ୍ଲୁଏସ୍ଏସ୍, ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା ହୋଇଥିଲା। ସଭ୍ୟ ରାମେଶ୍ୱର ଶତପଥୀ ଅନେକ ପ୍ରସଙ୍ଗରେ ବହୁ ସମୟ ଧରି ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ବିଜୟ କୁମାର ସାମନ୍ତରାୟ, ଧର୍ମେନ୍ଦ୍ର ଧଳ, ସୁବାସ କଅଁର, ସଞ୍ଜୁକ୍ତା ପଡ଼ିଆରୀ, ରିତାରାଣୀ ତରେଇ, ସରୋଜ ରଣସିଂ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ୫ମ ଜିଲା ପରିଷଦ ସାଧାରଣ ଅଧିବେଶନ

- ଧାନକିଣା କମିଶନ ୪ ବର୍ଷ ହେଲା ପାଇନାହାନ୍ତି ପ୍ୟାକ୍ସ
- ୫-ଟି ସ୍କୁଲର ସ୍ୱଚ୍ଛତା, ଅନୁଦାନ ଖର୍ଚ୍ଚ ଉପରେ ଉଠିଲା ପ୍ରଶ୍ନ
- ଖବରକାଗଜରେ ପ୍ରକାଶିତ ଖବର ଉପରେ ହେଉନି କାର୍ଯ୍ୟାନୁଷ୍ଠାନ
- ବୈଠକର ରିଜୋଲ୍ୟୁଶନକୁ କରାଯାଉନି କାର୍ଯ୍ୟକାରୀ
- ଜିଲା ପରିଷଦ ସଭ୍ୟଙ୍କୁ କରାଯାଉଛି ଅଣଦେଖା

### ଟ୍ରାଏଲ ରନ ନ କରି ଲିଫ୍ଟ ପାଇଁ ୬୦ ଲକ୍ଷ ବିଲ୍

ରାଜ ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତୃ ଓ ଶିଶୁ ଚିକିତ୍ସାଳୟ ପାଇଁ ୬ କୋଟି ମଞ୍ଜୁର ହୋଇଥିଲା। ୨୦୧୭ରେ ଏହାର କାମ ହୋଇଥିଲା। ତେବେ ଏହି ଅର୍ଥରୁ ୬୦ ଲକ୍ଷ ଟଙ୍କା ଲିଫ୍ଟ ପାଇଁ ଖର୍ଚ୍ଚ ହୋଇଥିବା ବିଲ୍ ହୋଇଛି। ତେବେ ଲିଫ୍ଟ ଆରମ୍ଭ ହେବା ଦିନଠାରୁ କାର୍ଯ୍ୟକ୍ଷମ ହେଉନାହିଁ। ଲିଫ୍ଟ କାର୍ଯ୍ୟକ୍ଷମ ନ ହେବା ନେଇ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଘଟଣାର ଅନୁଧ୍ୟାନ କରିଥିଲେ। ପୂର୍ତ୍ତ ବିଭାଗ କାମ କରୁଥିବାବେଳେ ଲିଫ୍ଟ କାମ କରୁଥିବା କମ୍ପାନୀ ଟ୍ରାଏଲ ରନ ନ କରି ୬୦ ଲକ୍ଷ ବିଲ୍ କରି ନେଇଛି। ଏଥିରେ ପୂର୍ତ୍ତ ବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସୁଛି ବୋଲି ଗୃହରେ ଉଠାଇ ଥିଲେ। ଏଣୁ ଗୃହରେ ସମସ୍ତେ ସବୁ ପ୍ରକାରର ପ୍ରସଙ୍ଗ ଉଠାଇ ପାରିବେ ବୋଲି ସେ କହିଥିଲେ।

# ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ପ୍ରାଣ

ନୟାଗଡ଼,୧୬।୯(ଲୋକନାଥ ମିଶ୍ର)

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ନୟାଗଡ଼ ଜିଲା ପକ୍ଷରୁ ନୟାଗଡ଼ ସହର ଉପକଣ୍ଠ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ସଂସ୍କୃତ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବିଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ସଂସ୍କୃତ ଶିକ୍ଷକ ମନମୋହନ ଚମ୍ପତି, ବିଶିଷ୍ଟ ଅତିଥି ଭାବେ ସଂସ୍କୃତ ଶିକ୍ଷକ ନିରଞ୍ଜନ ମିଶ୍ର ଓ ମୁଖ୍ୟବକ୍ତା ଭାବେ ଗୋଡିପଡ଼ା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସନ୍ତୋଷ କୁମାର ସାହୁ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସଂସ୍କୃତ ଭାଷା ଭାରତୀୟ ସଂସ୍କଅତିର ପ୍ରାଣ ବୋଲି କହିଥିଲେ। ସଂସ୍କୃତ ଶିକ୍ଷକ ତପୁରଞ୍ଜନ ମାଝି ମଙ୍ଗଳା ଚରଣ ପାଠ କରିଥିଲେ। ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର ବାରିକ କାର୍ଯକ୍ରମ ପରିଚାଳନା ଓ ପରିଶେଷରେ ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରୁ ଅନେକ ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇ ଥିଲେ।

# ଏସ୍ଏସ୍ବି ଅଧ୍ୟାପିକାଅଧ୍ୟାପକଙ୍କ କଳାବ୍ୟାଜ ପରିଧାନ

ଖଣ୍ଡପଡା,୧୬।୯
(ଅଜୟ କୁମାର ମହାରଣା)

ଉଚ୍ଚଶିକ୍ଷା ବିଭାଗ ଓଡ଼ିଶାଙ୍କ ଦ୍ୱାରା ଚୟନ ହୋଇଥିବା ଏସ୍ଏସ୍ବି (ଷ୍ଟେଟ ସିଲେକ୍ସନ ବୋର୍ଡ) ପ୍ରକ୍ରିୟାକୁ ରାଜ୍ୟ ସଂଘର ଆହ୍ୱାନକ୍ରମେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଅଧ୍ୟାପିକାଅଧ୍ୟାପକ ପ୍ରତିବାଦ କରି ଶୁକ୍ରବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଏସ୍ଏସ୍ବି ଅଧ୍ୟାପିକାଅଧ୍ୟାପକ ପାଉଥିବା ବେତନର ଗ୍ରେଡ ପେ ୪୬୦୦ ଟଙ୍କାରୁ ୫୪୦୦ ଟଙ୍କାକୁ ବୃଦ୍ଧି କରିବା ସହ ୨୦୧୬ ମସିହାଠାରୁ ପିଛିଲା ଭାବରେ ଲାଗୁ କରିବାକୁ ରାଜ୍ୟ ସଂଘ ଦାବି କରିଛି। ସେପ୍ଟେମ୍ବର ୫ ଠାରୁ ରାଜ୍ୟର ୪୮୮ ବର୍ଗର ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରି ଆସୁଛନ୍ତି। ସଂଘର ନିୟମକୁ ମାନି ନୀଳମାଧବ ମହାବିଦ୍ୟାଳୟର ଅଧ୍ୟାପିକା ସରଳା ବେହେରା, ରୀମା ପ୍ରଧାନ, ଅଧ୍ୟାପକ ଡ. ନିରୋଦ କୁମାର ମନ୍ତ୍ରୀ, ସୌମ୍ୟ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ନାଏକ, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ଫଟୋ ନିକଟରେ କଳାବ୍ୟାଜ ପରିଧାନ କରି ଅନ୍ଦୋଳନ କରୁଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ କୌଣସି ବ୍ୟାଘାତ ସୃଷ୍ଟି ହୋଇ ନ ଥିବା ଜଣାଯାଇଛି। ଯୋଗ୍ୟତା ଭିତ୍ତିରେ ଲିଖିତ କ୍ୟାରିୟର, ଆସେସମେଣ୍ଟ ଏବଂ ମୌଖିକ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ଉପଯୁକ୍ତ ଦରମା ମିଳୁ ନ ଥିବାରୁ ସମ୍ପୃକ୍ତ ଅଧ୍ୟାପିକା ଅଧ୍ୟାପକ କ୍ଷୋଭ ପ୍ରକାଶ କରିଛନ୍ତି।



କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଅଧ୍ୟାପିକାଅଧ୍ୟାପକ ପ୍ରତିବାଦ କରୁଛନ୍ତି।

# ଶିକ୍ଷକଙ୍କ ଆନ୍ଦୋଳନକୁ ଓଡ଼ିଶା ଅଭିଭାବକ ମହାସଂଘ ସହ ଭାଜପାର ସମର୍ଥନ


ରଣପୁର ବିଇଓ କାର୍ଯ୍ୟାଳୟ ଆଗରେ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନ କରୁଛନ୍ତି।

ରଣପୁର, ୧୬।୯
(ସୁକାନ୍ତ କିଶୋର ଡାକୁଆ)

ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମସ୍ତ ପ୍ରକାରର ଠିକା ନିଯୁକ୍ତି ଉଚ୍ଛେଦ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଦାବିରେ ରାଜ୍ୟବ୍ୟାପୀ ଶିକ୍ଷକଙ୍କ ଆନ୍ଦୋଳନ ଚାଲିଛି। ଏଥିରୁ ନୟାଗଡ଼ ଜିଲା ରଣପୁର ବ୍ଲକ ମଧ୍ୟ ବାଦ୍ ପଡ଼ିନାହିଁ। ବ୍ଲକରେ ମଧ୍ୟ ଏହି ଆନ୍ଦୋଳନ ୯ ଦିନ ଧରି ଜାରି ରହିଛି।

ଶନିବାର ଏହି ଧାରଣାସ୍ଥଳରେ ଅଲ ଓଷ୍ଟା ରାଜ୍ୟ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ, କୋଷାଧ୍ୟକ୍ଷ ଯୁଧିଷ୍ଠିର ପ୍ରଧାନ ଓ ନୟାଗଡ଼ ଜିଲା ସମ୍ପାଦକ ନୀଳାଦ୍ରି ବିହାରୀ ସୁବୁଦ୍ଧି ପହଞ୍ଚି ଶିକ୍ଷୟିତ୍ରୀଶିକ୍ଷକଙ୍କ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ଦାବି ହାସଲ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରଖିବା ପାଇଁ ମତାମତ ଦେଇଥିଲେ। ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ ନେଇ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ପ୍ରାଥମିକ ଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୮ ମାସର ବ୍ୟବଧାନ ପରେ ପୁଣି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନ କ୍ରମରେ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଛି।

ସେହିପରି ପୂର୍ବତନ ସମବାୟ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନାରୀ ନେତ୍ରୀ ସୁରମା ପାଢ଼ୀ ମଧ୍ୟ ରଣପୁର ବ୍ଲକଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକମାନଙ୍କ ଧାରଣାସ୍ଥଳରେ ପହଞ୍ଚି ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକମାନଙ୍କ ଦାବିଗୁଡ଼ିକ ଯୁକ୍ତି ସଙ୍ଗତ ଏବଂ ସେମାନେ ହକଦାର ବୋଲି ମତ ରଖିଥିଲେ। ସରକାର ତୁରନ୍ତ ଶିକ୍ଷକମାନଙ୍କ ଦାବିଗୁଡ଼ିକ ପୂରଣ କରି ବିଦ୍ୟାଳୟ ଖୋଲିବା ପାଇଁ ବ୍ୟବସ୍ଥା ଗ୍ରହଣ କରନ୍ତୁ। ସେହିପରି ଓଡ଼ିଶା ଅଭିଭାବକ ମହାସଂଘ ମଧ୍ୟ ଧାରଣା ସ୍ଥଳରେ ପହଞ୍ଚି ଏହି ଧାରଣାକୁ ପୂର୍ଣ୍ଣ ସମର୍ଥନ ଜଣାଇଥିବା ଜଣା ପଡିଛି। ଓଡ଼ିଶା ଅଭିଭାବକ ମହାସଂଘର ବାସୁଦେବ ଭଟ୍ଟ, ସହଅଧ୍ୟକ୍ଷ ପ୍ରସନ୍ନ ବିଶୋୟୀ ଓ ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ମଲ୍ଲିକ ଧାରଣାସ୍ଥଳରେ ପହଞ୍ଚି ଶିକ୍ଷକମାନଙ୍କ ଧାରଣାକୁ ସମର୍ଥନ ଜଣାଇ ଥିଲେ। ସରକାର ତୁରନ୍ତ ଶିକ୍ଷକମାନଙ୍କ ଦାବିଗୁଡ଼ିକ ପୂରଣ କରିବାକୁ ଦାବି କରିଥିଲେ। ଆଗାମୀଦିନରେ ଧାରଣକୁ ଜୋରଦାର କରାଯିବ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଚନ୍ଦ୍ରକାନ୍ତ


@ ଈଶାନ


@ ଓମ୍ପ୍ରକାଶ


@ ସୁଶାନ୍ତ


@ ଶକ୍ତିପ୍ରସନ୍ନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ୟାଙ୍କ, ଓଡ଼ଗାଁ ଛକରେ ଟ୍ରାଫିକ ଜାମ

ନୟାଗଡ଼,୧୬।୯(ଲୋକନାଥ ମିଶ୍ର)

ରବିବାର ସଂକ୍ରାନ୍ତି ଯୋଗୁ ଶନିବାର ସନ୍ଧ୍ୟାରେ ନୟାଗଡ଼ ସହରରର ବ୍ୟାଙ୍କ ଛକ ରାସ୍ତା ଓ ନୟାଗଡ଼ ଶରଣକୁଳ ରାସ୍ତାର ଓଡ଼ଗାଁ ଛକ ଅଞ୍ଚଳରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ନୟାଗଡ଼ ସହରର ଗୁରୁ କ୍ଲଥ ଷ୍ଟୋର ସମ୍ମୁଖରେ ବାଇକ୍ ରହିଥିବାବେଳେ ଟ୍ରାଫିକ ଜାମ ବ୍ୟାଙ୍କ ଓ ଓଡ଼ଗାଁ ଚକରେ ଟ୍ରାଫିକ ଜାମ କରିଥିଲା। ବିଳମ୍ବରେ ପୋଲିସ ପହଞ୍ଚି ଟ୍ରାଫିକର ଭିଡକୁ ସୁଧାରିବାକୁ ଚେଷ୍ଟା କରିଥିଲା। ହେଲେ ଭିଡ଼ କମିବା ବଦଳରେ ବଢ଼ି ଚାଲିଥିଲା। ଲୋକମାନେ ପାଦରେ ଚାଲି କରି ଯିବା କାଠିକର ପାଠ ହୋଇ ପଡିଥିଲା। ଯାନ ବାହାନ ଘଣ୍ଟା ଘଣ୍ଟା ଧରି ରାସ୍ତା ଓ ରାସ୍ତା କଡରେ ଅଟକି ରହିଲା। ତେବେ ଭିଡ଼ ସମୟରେ ଭୁବନେଶ୍ୱରରୁ ଓଡ଼ଗାଁ ଅଭିମୁଖେ ଯାଉଥିବା ମନ୍ତ୍ରୀଙ୍କ ଗାଡି ଟ୍ରାଫିକ ସମସ୍ୟାରେ ଛନ୍ଦି ହୋଇ ପଡିଥିଲେ ମଧ୍ୟ ପୋଲିସ ତବବରିଆ ଭାବେ ମନ୍ତ୍ରୀଙ୍କୁ ଛାଡି ଆଶ୍ୱସ୍ତି ଅନୁଭବ କରିଥିଲା। ସେ ସମୟରେ ଲୋକ ପୋଲିସକୁ ସମାଲୋଚନା କରୁଥିବା ଦେଖିବାକୁ ମିଳିଥିଲା।



ନୟାଗଡ଼ ସହର ଓଡ଼ଗାଁ ଛକରେ ଟ୍ରାଫିକ ଜାମରେ ଲୋକେ ଫଶି ରହିଛନ୍ତି।

### ଯାନବାହନ ଚଳାଚଳ ବ୍ୟାହତ

